**୧୩ରୁ କଟକ ମହୋତ୍ସବ**

**କଟକ ଅଫିସ:** ଉତ୍କଳ ଯୁବ ସାଂସ୍କୃତିକ ସଂଘ ପକ୍ଷରୁ ଦ୍ୱାଦଶତମ କଟକ ମହୋତ୍ସବ ସ୍ଥାନୀୟ ସାରଳା ଭବନରେ ଆସନ୍ତା ୧୩ ତାରିଖରୁ ଆରମ୍ଭ ହେବ। ତିନିଦିନ ବ୍ୟାପୀ ହେବାକୁ ଥିବା ଏହି ମହୋତ୍ସବରେ ୪ଟି ରାଜ୍ୟରୁ ପ୍ରାୟ ୧୫୦ ଜଣ ନୃତ୍ୟ ସଙ୍ଗୀତ ଶିଳ୍ପୀ ଅଂଶଗ୍ରହଣ କରିବେ। ଗୁରୁ ଶିଷ୍ୟ ପରମ୍ପରା ଏବଂ କଳା ଓ ସଂସ୍କୃତିର ପ୍ରଚାର ପ୍ରସାର ଏହି ମହୋତ୍ସବର ମୁଖ୍ୟ ଉଦ୍ଦେଶ୍ୟ ବୋଲି ଅନୁଷ୍ଠାନର ମୁଖ୍ୟ ସଭାପତି ପ୍ରଭା ପଟ୍ଟନାୟକ ଏବଂ ସାଧାରଣ ସମ୍ପାଦକ ଶିଳାଦିତ୍ୟ ରଥ ଗୁରୁବାର ଏକ ପ୍ରେସ୍ ବିବୃତ୍ତିରେ ଜଣାଇଛନ୍ତି।


ମହାଶିବରାତ୍ରିରେ ଆଲୋକମାଳାରେ ଝଲସୁଛି ଲିଙ୍ଗରାଜ ମନ୍ଦିର।


ଶ୍ରୀଲିଙ୍ଗରାଜ ମନ୍ଦିର ସମ୍ମୁଖରେ ଶ୍ରଦ୍ଧାଳୁମାନେ ଜାଗର ଜାଳୁଛନ୍ତି।

# ଶିବସ୍ତୁତିର ଗୁଞ୍ଜରଣ

## କଟକଣାରେ ପାଳିତ ହେଲା ମହାଶିବରାତ୍ରି


ଭାସ୍କରେଶ୍ୱର ମନ୍ଦିର ଉତ୍ସବମୁଖର।

**ଭୁବନେଶ୍ୱର, ୧୧।୩(ବ୍ୟୁରୋ)**

ରାଜଧାନୀ ଭୁବନେଶ୍ୱରର ବିଭିନ୍ନ ଶୈବପୀଠରେ ଗୁରୁବାର କଟକଣା ଭିତରେ ମହାଶିବରାତ୍ରି ଓ ଜାଗରଯାତ୍ରା ଅନୁଷ୍ଠିତ ହୋଇଯାଇଛି। ମହାଦେବଙ୍କୁ ମହାଆରାଧନା ପାଇଁ ସକାଳୁ ଶୈବପୀଠଗୁଡ଼ିକ ଚଳଚଞ୍ଚଳ ହୋଇ ଉଠିଥିଲା। ଭକ୍ତମାନେ ଧାଡ଼ିରେ ମନ୍ଦିରକୁ ଯାଇ ଠାକୁରଙ୍କୁ ଦର୍ଶନ କରିଥିଲେ। ବ୍ରତଧାରୀମାନେ ନିଷ୍ଠାରେ ରହି ଭକ୍ତି ନିବେଦନ କରିବା ସହ ରାତିରେ ଜାଗର ଜାଳିଥିଲେ। ସକାଳୁ ରାତି ପର୍ଯ୍ୟନ୍ତ ଶୈବପୀଠରେ ଗୁଞ୍ଜରିତ ହୋଇଥିଲା ଶିବସ୍ତୁତି। ପୂଜାପାଠ, ମନ୍ତ୍ରଧ୍ୱନିରେ ସବୁଆଡେ ଭକ୍ତିମୟ ପରିବେଶ ସୃଷ୍ଟି ହୋଇଥିଲା। ଓଁ ନମଃ ଶିବାୟ ଧ୍ୱନିରେ ପ୍ରକମ୍ପିତ ହୋଇଉଠିଥିଲା ଶୈବପୀଠ। କଟକଣା ପାଳନ ପାଇଁ ପୋଲିସ ଓ ମନ୍ଦିର ପ୍ରଶାସନ ପକ୍ଷରୁ ବ୍ୟାପକ ବ୍ୟବସ୍ଥା ଗ୍ରହଣ କରାଯାଇଥିଲା। ମହାଦୀପ ଉଠିବା ପରେ ବହୁ ବ୍ରତଧାରୀ ରାତି ଉଜାଗର ରହି ଦୀପଜାଳିଥିବା ଦେଖିବାକୁ ମିଳିଥିଲା।

ପୁରୁଣା ଭୁବନେଶ୍ୱରସ୍ଥିତ ଶ୍ରୀ ବ୍ରହ୍ମେଶ୍ୱର ମହାଦେବଙ୍କ ମନ୍ଦିରରେ ଭୋର ସାଢ଼େ ୩ଟାରୁ ସାହାଣ ମେଳା ଦର୍ଶନ ହୋଇଥିଲା। ସେହିପରି ସନ୍ଧ୍ୟା ସାଢ଼େ ୬ଟାରୁ ସାହାଣମେଳା ଦର୍ଶନ ସହ ଭଜନ ସମାରୋହ ଆରମ୍ଭ ହୋଇଥିଲା। କଣ୍ଠଶିଳ୍ପୀ ଇରା ମହାନ୍ତି, ଅସୀମା ପଣ୍ଡା, ଅନିଲ ବାଓରା, କୁମାର ବାପି, ତପୁ ମିଶ୍ର, ଶୈଳଭାମା ମହାପାତ୍ର ପ୍ରମୁଖ ଭଜନ ପରିବେଷଣ କରି ଭକ୍ତଙ୍କ ମନରେ ଭକ୍ତିରସ ଭରିଦେଇଥିଲେ। ରାତି ସାଢ଼େ ୧୦ଟାରେ ମହାଦୀପ ଉଠିଥିଲା। ମନ୍ଦିର ଟ୍ରଷ୍ଟ ପକ୍ଷରୁ ୧୧ଟି ସିସିଟିଭି କ୍ୟାମେରା ଲଗାଯାଇ ଭିଡ଼ ଉପରେ ନଜର ରଖାଯାଇଥିଲା। ପୂର୍ବତନ କର୍ପୋରେଟର ତଥା ବ୍ରହ୍ମେଶ୍ୱର ମନ୍ଦିର ପରିଚାଳନା ମ୍ୟାନେଜିଙ୍ଗ୍ ଟ୍ରଷ୍ଟି ମଳୟ କୁମାର ମହାପାତ୍ରଙ୍କ ସଂଯୋଜନାରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ମନ୍ଦିର ଟ୍ରଷ୍ଟି ତଥା ମଧ୍ୟ ବିଧାୟକ ଅନନ୍ତ ନାରାୟଣ ଜେନା ଅଧ୍ୟକ୍ଷତା କରିଥିଲେ।

ମେଘେଶ୍ୱର ମନ୍ଦିରରେ ଭୋର ୪ଟା ୩୦ରେ ସାହାଣ ମେଳା ହୋଇଥିଲା। ସେହିଭଳି ସନ୍ଧ୍ୟା ୬ଟାରେ ସନ୍ଧ୍ୟା ଆଳତି ହୋଇଥିଲା। ମନ୍ଦିର ଭିତରେ ଦୀପ ଜାଳିବାକୁ ବାରଣ କରାଯାଇଥିଲା। କେବଳ ମନ୍ଦିର ପରିସର ପାର୍କ ମଧ୍ୟରେ ଦୀପ ଜାଳିବାକୁ ଅନୁମତି ଦିଆଯାଇଥିଲା। ଏଥର କୌଣସି ସାଂସ୍କୃତିକ କାର୍ଯ୍ୟକ୍ରମ ହୋଇ ନ ଥିବାବେଳେ ଭକ୍ତଙ୍କ ପାଇଁ ପ୍ରତିବର୍ଷ ହେଉଥିବା ଅନ୍ନ ପ୍ରସାଦ ବ୍ୟବସ୍ଥା ବନ୍ଦ ରହିଥିଲା। ପ୍ରଭୁ ମେଘେଶ୍ୱରଙ୍କ ମହାଦୀପ ରାତି ୧୦ଟା ୧୦ରେ ଉଠିଥିଲା।

ସେହିପରି ଭାସ୍କରେଶ୍ୱର ମନ୍ଦିର ଶ୍ରୀ ଲିଙ୍ଗରାଜ ମହାପ୍ରଭୁଙ୍କର ମାମୁଘର ହୋଇଥିବାରୁ ଏଠାରେ ସ୍ୱତନ୍ତ୍ର ବ୍ୟବସ୍ଥା ଗ୍ରହଣ କରାଯାଇଥିଲା। ଭୋର୍ ୪ଟାରେ ସାହାଣମେଳା ହୋଇଥିବାବେଳେ ଅପରାହ୍ନ ୨ଟା ୩୦ ପର୍ଯ୍ୟନ୍ତ ଭକ୍ତମାନେ ପ୍ରଭୁଙ୍କ ଦର୍ଶନ କରିଥିଲେ। ରାତି ୧୦ଟାରେ ମହାଦୀପ ଉଠିଥିଲା। ସ୍ଥାନୀୟ କଳାକାରଙ୍କୁ ନେଇ ସନ୍ଧ୍ୟାରେ ଭଜନ ସମାରୋହ ଅନୁଷ୍ଠିତ ହୋଇଥିଲା। ଭକ୍ତଙ୍କର ଥର୍ମାଲ ସ୍କ୍ରିନିଂ ସହ କରାଯାଇଥିଲା। ମାତ୍ର ୫ଶହ ଶ୍ରଦ୍ଧାଳୁଙ୍କୁ ମନ୍ଦିର ବେଢା ଭିତରକୁ ଯିବାକୁ ଅନୁମତି ମିଳିଥିଲା। ସମସ୍ତେ ଦୀପ ପାର୍କ ପରିସରରେ ଲଗାଇଥିଲେ। ଏଥିସହ କୋଭିଡ୍ ପାଇଁ ଚଳିତ ଥର ଅନ୍ନପ୍ରସାଦ ବନ୍ଦ ରହିଥିଲା। ତେବେ ଭକ୍ତଙ୍କ ପାଇଁ ମନ୍ଦିର ପକ୍ଷରୁ ଚୁଡାଘସା ଭୋଗ ବଣ୍ଟାଯାଇଥିଲା।

କପିଳେଶ୍ୱର ମନ୍ଦିରରେ ଶ୍ରଦ୍ଧାଳୁମାନେ ବ୍ୟାରିକେଡ୍ ମଧ୍ୟରେ ଯାଇ ପ୍ରଭୁଙ୍କ ଦର୍ଶନ କରିଥିଲେ। କଣ୍ଠଶିଳ୍ପୀଙ୍କ ଦ୍ୱାରା ଭଜନ ପରିବେଷଣ କରାଯାଇଥିଲା। ରାତି ୧୦ଟା ୧୦ରେ ମହାଦୀପ ଉଠିଥିଲା। ମନ୍ଦିରରେ ସମସ୍ତ ରୀତିନୀତି ପାଳନ କରାଯିବା ସହ ଜାଗରଯାତ୍ରା କୋଭିଡ୍ ଗାଇଡ୍‌ଲାଇନ୍ ଅନୁଯାୟୀ ପାଳନ କରାଯାଇଥିଲା।


ମେଘେଶ୍ୱର ମନ୍ଦିରରେ ଶ୍ରଦ୍ଧାଳୁମାନେ ଦର୍ଶନ କରୁଛନ୍ତି।


ଜିଜିପି କଲୋନୀସ୍ଥିତ ନୀଳକଣ୍ଠେଶ୍ୱର ମନ୍ଦିର ପରିସରରେ ବାରଣ ଥିବାରୁ ଶ୍ରଦ୍ଧାଳୁମାନେ ପାଚେରିରେ ଦୀପ ଜାଳୁଛନ୍ତି।

# ଶ୍ରୀଲିଙ୍ଗରାଜଙ୍କ ମହାଶିବରାତ୍ରିରେ...

## ସେବାୟତଙ୍କ ପ୍ରବେଶ ପଥରେ ଶ୍ରଦ୍ଧାଳୁ

**ଭୁବନେଶ୍ୱର(ବ୍ୟୁରୋ)/ପୁରୁଣା ଭୁବନେଶ୍ୱର, ୧୧।୩(ଡି.ଏନ୍.ଏ.):** ଶ୍ରୀଲିଙ୍ଗରାଜଙ୍କ ମହାଶିବରାତ୍ରି ଓ ଜାଗରଯାତ୍ରା ପାଇଁ ପ୍ରଶାସନ ପକ୍ଷରୁ କେତେକ କଟକଣା ଗ୍ରହଣ କରାଯାଇଥିଲା। ମାର୍କେଟ କମ୍ପ୍ଲେକ୍ସ ନିକଟରେ ସର୍ବସାଧାରଣ ଦର୍ଶନ ପାଇଁ ୨ ଧାଡି ବ୍ୟବସ୍ଥା ହୋଇଥିବାବେଳେ ସିଂହଦ୍ୱାର ଦେଇ ପ୍ରବେଶ ବ୍ୟବସ୍ଥା ହୋଇଥିଲା। ଦକ୍ଷିଣ ଦ୍ୱାରରେ ଗଣମାଧ୍ୟମ ଓ ଭିଆଇପିଙ୍କ ପ୍ରବେଶ ଅନୁମତି ରହିଥିଲା। ସେହିପରି ଉତ୍ତର ଦ୍ୱାରରେ ସେବାୟତ ଓ ତାଙ୍କ ପରିବାର ସଦସ୍ୟଙ୍କ ପ୍ରବେଶ ପାଇଁ ସ୍ଥିର ହୋଇଥିଲା। କିନ୍ତୁ ସିଂହଦ୍ୱାରରେ ଭିଡ଼ ହେଉଥିବାରୁ କେତେଜଣ ଶ୍ରଦ୍ଧାଳୁ ଉତ୍ତର ଦ୍ୱାରଦେଇ ପ୍ରବେଶ କରିଥିଲେ। ସେଠାରେ ଥିବା ସେବାୟତମାନେ ସେମାନଙ୍କୁ ଭିତରକୁ ନେଇଯାଉଥିବା ଦେଖିବାକୁ ମିଳିଥିଲା।

## କାମ ଦେଲାନି ବିଏମ୍‌ସି ପାନୀୟ ଜଳ ଏଟିଏମ୍

ଭୁବନେଶ୍ୱର ମହାନଗର ନିଗମ (ବିଏମ୍‌ସି) ପକ୍ଷରୁ ଲିଙ୍ଗରାଜ ମନ୍ଦିର ଉତ୍ତର ପାର୍ଶ୍ୱରେ ଏକ ପାନୀୟ ଜଳ ଏଟିଏମ୍ ସ୍ଥାପନ କରାଯାଇଛି। ଏଠାରେ ୧ ଟଙ୍କାରେ ୧ ଲିଟର ଶୁଦ୍ଧ ପାନୀୟ ଜଳ ମିଳିବାର ବ୍ୟବସ୍ଥା ରହିଛି। ହେଲେ ଗୁରୁବାର ମହାଶିବରାତ୍ରି ଭଳି ଗୁରୁତ୍ୱପୂର୍ଣ୍ଣ ଦିନରେ ଏହା ଅଚଳ ହୋଇପଡ଼ିଥିବାରୁ ଅସନ୍ତୋଷ ପ୍ରକାଶ ପାଇଥିଲା। ଏପରିସ୍ଥିତିରେ ଜୟ ଓଡ଼ିଶା, ଲିଙ୍ଗରାଜ ସେନା, ହିନ୍ଦୁ ବାହିନୀ ଆଦି କେତେକ ସ୍ୱେଚ୍ଛାସେବୀ ସଙ୍ଗଠନ ପକ୍ଷରୁ ପାନୀୟ ଜଳ ଯୋଗାଣ ବ୍ୟବସ୍ଥା କରାଯାଇଥିଲା।

## ଗଳାବାଟ ଦେଇ ଗଲିଲେ

ଧାଡ଼ିରେ ଘଣ୍ଟା ଘଣ୍ଟା ଧରି ଠିଆ ହୋଇ ମନ୍ଦିର ପ୍ରବେଶ କରିବାକୁ କେତେଜଣ ଶ୍ରଦ୍ଧାଳୁଙ୍କର ଧୈର୍ଯ୍ୟ ନ ଥିଲା। ତେଣୁ ସେମାନେ ଗଳାବାଟ ଖୋଜିବା ସହ ବ୍ୟାରିକେଡ ଡେଇଁ ଆଗକୁ ମାଡିଯାଉଥିବା ଦେଖିବାକୁ ମିଳିଥିଲା। ପୋଲିସ ଏହା ଦେଖି ସେମାନଙ୍କୁ ଅଟକାଇବା ସହ ଧାଡିରେ ଯିବାକୁ ତାଗିଦ କରୁଥିଲା।

## ବାହାରେ ପିନ୍ଧିଲେ, ଭିତରେ ଖୋଲିଲେ


ସିଂହଦ୍ୱାରରେ ସ୍କ୍ରିନିଂ କରାଯାଉଛି।

ମନ୍ଦିର ପ୍ରବେଶ ପଥରୁ ଠାକୁରଙ୍କ ଦର୍ଶନ ପର୍ଯ୍ୟନ୍ତ ସାନିଟାଇଜର ସ୍ପ୍ରେ, ସ୍କ୍ରିନିଂ ଓ ମାସ୍କ ଉପରେ ଗୁରୁତ୍ୱ ଦିଆଯାଇଥିଲା। ତେବେ ମାସ୍କ ପିନ୍ଧି ନ ଥିବା ଶ୍ରଦ୍ଧାଳୁଙ୍କୁ ଭିତରକୁ ବାରଣ କରାଯାଇଥିଲା। ତେବେ କେତେଜଣ ଶ୍ରଦ୍ଧାଳୁ ମାସ୍କ ପିନ୍ଧି ଭିତରକୁ ପ୍ରବେଶ କରିବା ପରେ ମାସ୍କ ଖୋଲି ଦେଉଥିଲେ। ପୋଲିସକୁ ଦେଖିଲେ ପିନ୍ଧୁଥିଲେ, ନଚେତ କାନରେ ଝୁଲାଇ ରଖୁଥିବା ଦେଖିବାକୁ ମିଳିଥିଲା।

## ଶ୍ରଦ୍ଧାଳୁଙ୍କ ସୁଅ ଛୁଟିଲା, ନ ଥିଲା ସାମାଜିକ ଦୂରତା


ବ୍ୟାରିକେଡ୍‌ରେ ଶ୍ରଦ୍ଧାଳୁଙ୍କ ଭିଡ଼।

ଦିନବେଳା ଖରା ଯୋଗୁ ଶ୍ରଦ୍ଧାଳୁଙ୍କ ସମାଗମ କମ୍ ରହିଥିଲା। ହେଲେ ଅପରାହ୍ନରୁ ଧୀରେ ଧୀରେ ଭିଡ଼ ବଢ଼ିଥିଲା। ସନ୍ଧ୍ୟାଠାରୁ ମନ୍ଦିର ଆଡକୁ ଲୋକଙ୍କ ସୁଅ ଛୁଟିଥିଲା। ଭିଡ ନିୟନ୍ତ୍ରଣ କରିବାକୁ ପୋଲିସକୁ ନାକେଦମ ହେବାକୁ ପଡ଼ିଥିଲା। ଅନ୍ୟପକ୍ଷରେ ଭିଡ଼ ନ କରି ସାମାଜିକ ଦୂରତା ରକ୍ଷା କରି ମହାଶିବରାତ୍ରି ଆୟୋଜନ କରିବାକୁ ଏସ୍‌ଆର୍‌ସି ସମସ୍ତ ଜିଲାପାଳ ଓ ମହାନଗର ନିଗମ କମିଶନରଙ୍କୁ ନିର୍ଦ୍ଦେଶ ଦେଇଥିଲେ। ଏଠାରେ କିନ୍ତୁ ତାହା ପାଳନ ହୋଇନାହିଁ। ଧାଡ଼ିରେ ଯିବାବେଳେ ଓ ମନ୍ଦିର ଭିତରକୁ ପ୍ରବେଶ ସମୟରେ ସାମାଜିକ ଦୂରତା ଦୂରର କଥା, ଠେଲାପେଲା ଅବସ୍ଥା ସୃଷ୍ଟି ହୋଇଥିଲା।

## ଭଜନରେ ଝୁମିଲେ ଶ୍ରଦ୍ଧାଳୁ


ଅନୁରାଧା ପଡ଼୍‌ୱାଲ ଓ କବିତା ପଡ଼୍‌ୱାଲ ଭଜନ ପରିବେଷଣ କରୁଛନ୍ତି।


ଭଜନ ମଣ୍ଡପରେ ବାଚସ୍ପତି ସୂର୍ଯ୍ୟନାରାୟଣ ପାତ୍ର, କଣ୍ଠଶିଳ୍ପୀ ଅନୁମଲିକ ଓ ଅନ୍ୟମାନେ।

ମନ୍ଦିର ନିକଟ ଭଜନ ମଣ୍ଡପରେ ଏକାମ୍ର ସାଂସ୍କୃତିକ ପ୍ରକାଶନୀ ତରଫରୁ ଭଜନ ସମାରୋହର ଆୟୋଜନ କରାଯାଇଥିଲା। ବଡ ଅନୁଭବୀ ଠାକୁର ସିଏଲୋ, କଥା ପଚାରିଲେ ଉତ୍ତର ଦିଏ ଲୋ,କେରି କେରି ସୁନା ଦୁବ....ଆଦି ଓଡ଼ିଆ ଭଜନ ଶୁଣି ଶ୍ରଦ୍ଧାଳୁମାନେ ଭାବବିହ୍ୱଳ ହୋଇପଡିଥିଲେ। ଏହାକୁ ଗାଇଥିଲେ ମୁମ୍ବାଇ ପ୍ରସିଦ୍ଧ ଗାୟିକା ଅନୁରାଧା ପଡ଼୍‌ୱାଲ। ସେହିପରି ପୌଡ଼୍‌ୱାଲଙ୍କ ଆୟା ବାବା କି ଡିହ୍ୱାର...ଓଁ ନମଃ ଶିବାୟ...ଆଦି ହିନ୍ଦୀ ଭଜନର ତାଳେତାଳେ ଝୁମିଥିଲେ ଶ୍ରଦ୍ଧାଳୁ। ପରେ ମୁମ୍ବାଇର ସ୍ୱନାମଧନ୍ୟ କଣ୍ଠଶିଳ୍ପୀ କବିତା ପଡ଼୍‌ୱାଲ, ସୁଦେଶ ଭୋଁସଲେ, ଅନୁ ମଲିକ, ସ୍ମିତି ମିଶ୍ର, ଓଡ଼ିଶାର ମନ୍ମଥ ମିଶ୍ର ଓ ଅନ୍ୟମାନେ ଭଜନ ପରିବେଷଣ କରିଥିଲେ। ଏହି ଅବସରରେ ଏକାମ୍ର ଶ୍ରୀ ପୁରସ୍କାର ପ୍ରଦାନ କରାଯାଇଥିଲା। ସମାରୋହରେ ବାଚସ୍ପତି ସୂର୍ଯ୍ୟନାରାୟଣ ପାତ୍ର, ଭାଜପା ରାଜ୍ୟ ସଭାପତି ସମୀର ମହାନ୍ତି, କଂଗ୍ରେସ ନେତ୍ରୀ ରଶ୍ମି ମହାପାତ୍ର, ବିଜେଡି ନେତା ଅରୂପ ପଟ୍ଟନାୟକ, ବିଧୁଲତା ପଟ୍ଟନାୟକ ପ୍ରମୁଖ ଅତିଥିଭାବେ ଯୋଗଦେଇଥିଲେ। ପ୍ରକାଶନୀର ସଭାପତି ବିଧାୟକ ସୁରେଶ ରାଉତରାୟ ଅଧ୍ୟକ୍ଷତା କରିଥିବାବେଳେ ସମ୍ପାଦକ ସନତ ମିଶ୍ର ଧନ୍ୟବାଦ ଦେଇଥିଲେ। ରତିକାନ୍ତ ମହାସୁଆର, ବିଶ୍ୱନାଥ ମହାପାତ୍ର, କପିଳ ପଣ୍ଡା, ଲଲାଟେନ୍ଦୁ ମହାନ୍ତି, ଗଣେଶ ପାଲ, ସତ୍ୟନାରାୟଣ ସାହୁ, କେଦାରନାଥ ମହାପାତ୍ର ପ୍ରମୁଖ ସହଯୋଗ କରିଥିଲେ।

## ଟ୍ରାଫିକ୍ ଜାମ୍

ମହାଦୀପ ଉଠିବା ପରେ ଶ୍ରଦ୍ଧାଳୁମାନେ ଘରମୁହାଁ ହୋଇଥିଲେ। ଏକ ସମୟରେ ସ୍ଥାନ ଛାଡ଼ିବାରୁ କେଦାରଗୌରୀ ଛକ, ଗ୍ୟାରେଜ ଚକ, ବଢେଇବାଙ୍କ ଛକ ଓ ଇଲେକଟ୍ରିକ ଅଫିସ ଛକରେ କିଛି ସମୟଧରି ଟ୍ରାଫିକ୍ ଜାମ୍ ହୋଇଥିଲା।


କଟକ ସଦରସ୍ଥିତ ଶ୍ରୀପରମହଂସନାଥ ଦେବ ମନ୍ଦିରରେ ଗୁରୁବାର ଜଳୁଥିବା ଜାଗର ଦୀପ।

# ଦୁର୍ଗେଶ୍ୱରାୟ ମନ୍ଦିରରେ ୪ଫୁଟର ଦୀପ

## ଖୋଲା ସ୍ଥାନରେ ଲିଙ୍ଗ ସ୍ଥାପନା କରାଯାଇ ପୂଜାର୍ଚ୍ଚନା



**କଟକ ଅଫିସ, ୧୧।୩**

କଟକ ସହରରେ ଗୁରୁବାର ମହାଶିବରାତ୍ରୀ ପାଳିତ ହୋଇଯାଇଛି। ଅମରେଶ୍ୱର ମନ୍ଦିର, ଗଡଗଡ଼େଶ୍ୱର, ପରମହଂସ, ଚହଟେଶ୍ୱର, ବିଶ୍ୱେଶ୍ୱରାୟ, ବେଲେଶ୍ୱର, ଆଖଣ୍ଡଳମଣି, ଅଷ୍ଟଶମ୍ଭୁ, ଦୁର୍ଗେଶ୍ୱରାୟ, ବୈଦ୍ୟନାଥ, କାମେଶ୍ୱର ମନ୍ଦିର ପ୍ରଭୃତି ଶୈବପୀଠଗଡ଼ିକରେ ଭକ୍ତଙ୍କ ପ୍ରବଳ ଭିଡ଼ ଦେଖିବାକୁ ମିଳିଥିଲା। ଚାଉଳିଆଗଞ୍ଜ ପୂଜା କମିଟି ପକ୍ଷରୁ ୪ଫୁଟ ଲମ୍ବର ଦୀପ କରାଯାଇ ଦୁର୍ଗେଶ୍ୱରାୟ ମନ୍ଦିରରେ ପ୍ରଜ୍ୱଳିତ କରାଯାଇଥିଲା। ଚହଟେଶ୍ୱର ମନ୍ଦିରରେ ଭିଡ଼କୁ ଏଡ଼ାଇବା ପାଇଁ ମନ୍ଦିର ବେଢ଼ାର ଏକ ଖୋଲା ସ୍ଥାନରେ ମହାଦେବଙ୍କ ଲିଙ୍ଗ ସ୍ଥାପନ କରାଯାଇ ପୂଜାର୍ଚ୍ଚନା ରୀତିନୀତି ଅନୁଯାୟୀ ସମ୍ପନ୍ନ ହୋଇଥିଲା। ବାଉଁଶଗଳିସ୍ଥିତ ଷୋଳପୁଅମା ଠାକୁରାଣୀ ମଣ୍ଡପରେ କଖାରୁରେ ଶିବଲିଙ୍ଗ କରାଯାଇଥିଲା।

କୋଭିଡ୍ କଟକଣା ମାନି ଶ୍ରଦ୍ଧାଳୁମାନେ ଧାଡ଼ିରେ ଯାଇ ମହାଦେବଙ୍କୁ ଦର୍ଶନ କରିବା ସହ ପୂଜାର୍ଚ୍ଚନା କରିଥିଲେ। ମନ୍ଦିରଗୁଡିକରେ ଶାନ୍ତିଶୃଙ୍ଖଳା ରକ୍ଷା ପାଇଁ ପୋଲିସ ମୁତୟନ କରାଯାଇଥିଲା। ପ୍ରଶାସନ ପକ୍ଷରୁ ମନ୍ଦିର ଭିତରେ ଶ୍ରଦ୍ଧାଳୁମାନଙ୍କୁ ଦୀପ ଜାଳିବାର ଅନୁମତି ଦିଆଯାଇନଥିଲା। ତେଣୁ ଶ୍ରଦ୍ଧାଳୁମାନେ ମନ୍ଦିର ବାହାରେ ଦୀପଦାନ କରିଥିଲେ। ମନ୍ଦିରଗୁଡିକରେ ଶାନ୍ତିଶୃଙ୍ଖଳା ରକ୍ଷା ସାଙ୍ଗକୁ ପୋଲିସ ତରଫରୁ ସୁରକ୍ଷା ବ୍ୟବସ୍ଥାକୁ କଡ଼ାକଡ଼ି କରାଯାଇଥିଲା।

## ଓଁ ନମଃ ଶିବାୟରେ ପ୍ରକମ୍ପିତ ଶୈବ ପୀଠ

**ଚୌଦ୍ୱାର/କଣ୍ଟାପଡ଼ା, ୧୧।୩(ଡି.ଏନ୍.ଏ.):** କଟକ ଜିଲାରେ କୋଭିଡ୍ କଟକଣା ବିଭିନ୍ନ ଶୈବ ପୀଠରେ ମହାଶିବରାତ୍ରି ପାଳିତ ହୋଇଯାଇଛି। ସବୁ ମନ୍ଦିରରେ କୋଭିଡ ନିୟମ ମାନି ଭକ୍ତମାନେ ଆସି ଠାକୁରଙ୍କୁ ପୂଜାର୍ଚ୍ଚନା କରିଥିବାବେଳେ ସମସ୍ତଙ୍କ ଓଁ ନମଃ ଶିବାୟ ଡାକରେ ଶୈବ ପୀଠ ପ୍ରକମ୍ପିତ ହୋଇଥିଲା। ଚୌଦ୍ୱାର ଅଞ୍ଚଳର ଅଷ୍ଟଶମ୍ଭୁଭାବେ ପ୍ରଖ୍ୟାତ ଚାଟେଶ୍ୱର, ବଟେଶ୍ୱର, ଝୋଟେଶ୍ୱର, ଉତ୍ତରେଶ୍ୱର, ବାଲୁଙ୍କେଶ୍ୱର, କପାଳେଶ୍ୱର, କେଦାରେଶ୍ୱର ମନ୍ଦିରରେ ଭକ୍ତମାନଙ୍କ ଲମ୍ବା ଧାଡ଼ି ଦେଖିବାକୁ ମିଳିଥିଲା। ଅନୁରୂପଭାବେ ବିଶ୍ୱନାଥ, ଶଶିଶେଖର, ଚନ୍ଦ୍ରଶେଖର, ଗନ୍ଧର୍ବନାଥ, ଆଖଣ୍ଡଳମଣି, ଶଙ୍କରପୁରସ୍ଥିତ ଶଙ୍କରେଶ୍ୱର ମନ୍ଦିର ଆଦିରେ ଜାଗର ଯାତ୍ରା ଅନୁଷ୍ଠିତ ହୋଇଯାଇଛି। ସମସ୍ତ ମନ୍ଦିରଗୁଡିକରେ ନିର୍ଦ୍ଧାରିତ ସମୟରେ ମହାଦୀପ ଉଠିଛି। ସେହିଭଳି କଣ୍ଟାପଡ଼ା ବ୍ଲକ ଅଞ୍ଚଳରେ ଥିବା ବିଭିନ୍ନ ଶୈବପୀଠରେ ଜାଗର ମହୋତ୍ସବ ପାଇଁ ଜନଗହଳି ଲାଗି ରହିଥିଲା। କଣ୍ଟାପଡ଼ାର ସମିଆ ମହଦେବ ପୀଠ ସହ ବାଗଲପୁର ଦକ୍ଷିଣେଶ୍ୱର, ସୁନ୍ଦରଗ୍ରାମ, ଶିଶୁଆ ଓ ମଙ୍ଗୁରାଇର ଗତନାଥ, ଗୋବିନ୍ଦପୁର ଲବଲାଟେଶ୍ୱର, ଅଡ଼ଶପୁର ସ୍ୱପ୍ନେଶ୍ୱର, ବରାହୀଶ୍ୱର, ନାହଳପୁର ବିଘ୍ନେଶ୍ୱର, ଗୁଣାଦୋଳ ତ୍ରୈଲୋକ୍ୟନାଥ, ନୂଆଗାଁ ବନ୍ତନାଥ ଆଦି ଶୈବପୀଠରେ ଶ୍ରଦ୍ଧାଳୁମାନେ ପୂଜାର୍ଚ୍ଚନା କରିଥିଲେ।

# ଜାଗରରେ ଉଜାଗର ଶ୍ରଦ୍ଧାଳୁ

**ବାଙ୍କୀ/ନିଶ୍ଚିନ୍ତକୋଇଲି/ ଟିଗିରିଆ, ୧୧।୩:** ବାଙ୍କୀ ଉପଖଣ୍ଡର ବିଭିନ୍ନ ଶୈବପୀଠରେ ଗୁରୁବାର ଶିବରାତ୍ରି ପାଳିତ ହୋଇଯାଇଛି। ସ୍ଥାନୀୟ ଅଞ୍ଚଳର ପ୍ରସିଦ୍ଧ ଶୈବ ପୀଠ ସିଂହନାଥ, ଆଖଣ୍ଡେଶ୍ୱର, ଜଳେଶ୍ୱର, ଐଶାନେଶ୍ୱର ଓ ବୈଦ୍ୟନାଥଙ୍କ ପୀଠରେ ଜାଗର ଉତ୍ସବ ଅନୁଷ୍ଠିତ ହୋଇଛି। ଏହି ଅବସରରେ ଗୋପାଳପୁର ଓ ରଗଡ଼ିର ସୀମାନ୍ତରେ ହରିହର ଭେଟ ହୋଇଥିଲା। ସତ୍ୟସାଇ ମନ୍ଦିରରେ ଶ୍ରୀ ସତ୍ୟ ସାଇ ସେବା ସମିତି ପକ୍ଷରୁ ମହାଶିବରାତ୍ରି ଉତ୍ସବ ଆୟୋଜନ କରାଯାଇଥିଲା। କଳମିଶ୍ରିର ଅନନ୍ତେଶ୍ୱର, ସାନ୍ତପୁର ବକ୍ରେଶ୍ୱର, କେରିଲୋ ଅସୁରେଶ୍ୱର, ନତକାଇ ଶକ୍ତିଶ୍ୱର, ବୁହାଳ ସୋମନାଥ, ବଢ଼ଖିରର ଖିରେଶ୍ୱର, ବରାଦୋ ଶକ୍ରେଶ୍ୱର, ନିଶ୍ଚିନ୍ତକୋଇଲି ସିଦ୍ଧେଶ୍ୱର ଓ କୋଲଣପୁର କଳାଗ୍ନି ଶୈବ ପୀଠରେ ଭକ୍ତଙ୍କ ଭିଡ଼ ଦେଖିବାକୁ ମିଳିଛି। ଟିଗିରିଆ ମାନପୁରସ୍ଥିତ ପ୍ରସିଦ୍ଧ ଶୈବପୀଠ କପିଳେଶ୍ୱର ମନ୍ଦିରରେ କୋଭିଡ୍ କଟକଣା ମଧ୍ୟରେ ମହାଶିବ ରାତ୍ରୀ ଅନୁଷ୍ଠିତ ହୋଇଯାଇଛି।


ନଖରାସ୍ଥିତ ଲକ୍ଷେଶ୍ୱର ମହାଦେବ ମନ୍ଦିର ପରିସରରେ ବଡ଼ ସିଂହାର ସେବା ସମିତି ପକ୍ଷରୁ ଶିଳ୍ପୀ ଯତୀନ ଦାସ ତିଆରି କରିଥିବା ବାଲୁକାକଳା।


କଟକ ସିଡିଏ ନେତାଜୀ ସେତୁ ନିକଟରେ ସିଦ୍ଧାର୍ଥ ବେହେରାଙ୍କ ବାଲୁକାକଳା।

**ଉତ୍କଳ ସମ୍ମିଳନୀ ପକ୍ଷରୁ ଶାସ୍ତ୍ରୀୟ ଓଡ଼ିଆ ଭାଷା ଦିବସ**

ଭୁବନେଶ୍ୱର,(ବ୍ୟୁରୋ)- ଉତ୍କଳ ସମ୍ମିଳନୀର ମଞ୍ଚେଶ୍ୱର ଶିଳ୍ପାଞ୍ଚଳ ଶାଖା ପକ୍ଷରୁ ଗୁରୁବାର ଶାସ୍ତ୍ରୀୟ ଓଡ଼ିଆ ଭାଷା ଦିବସ ପାଳିତ ହୋଇଯାଇଛି। ସମ୍ମିଳନୀର ମଞ୍ଚେଶ୍ୱର ଶିଳ୍ପାଞ୍ଚଳ ଶାଖା ସଭାପତି ଦିଲୀପ ଦାଶଶର୍ମା ସଭାପତିତ୍ୱ କରି କହିଲେ, ଗତ ୭ବର୍ଷ ତଳୁ ଓଡ଼ିଆ ଭାଷାକୁ ଶାସ୍ତ୍ରୀୟ ମାନ୍ୟତା ମିଳିଥିଲେ ମଧ୍ୟ ଆଜି ପର୍ଯ୍ୟନ୍ତ ଏହାର ଉନ୍ନତି ପାଇଁ କୌଣସି ପଦକ୍ଷେପ ନିଆଯାଇ ନାହିଁ। ଭାଷାର ଉନ୍ନତି ପାଇଁ କେନ୍ଦ୍ର ସରକାର ପ୍ରଥମ ବର୍ଷ ୧୦୦ କୋଟି ଓ ପ୍ରତିବର୍ଷ ୫ କୋଟି ଲେଖାଏ ଅନୁଦାନ ଦେବେ ବୋଲି କୁହାଯାଉଥିଲେ ମଧ୍ୟ ଏ କ୍ଷେତ୍ରରେ ବୈମାତୃକ ମନୋଭାବ ଠିକ୍ ନୁହେଁ ବୋଲି ସେ କହିବା ସହ କ୍ଷୋଭ ପ୍ରକାଶ କରିଥିଲେ। ଶାଖା ଉପଦେଷ୍ଟା ନିମାଇଁ ଚରଣ ଦାସ, ଉପସଭାପତି ପ୍ରତାପ ଚନ୍ଦ୍ର ସ୍ୱାଇଁ ଓ ଶୀତଳ ଚନ୍ଦ୍ର ମହାନ୍ତି, ପରିଷଦ ସଦସ୍ୟ ମହେଶ୍ୱର ବିଶ୍ୱାଳ ଓ ନଳିନୀ ମହାନ୍ତି ପ୍ରମୁଖ ଏହା ଉପରେ ମତ ରଖିଥିଲେ।

## ଆଜି କ'ଣ କେଉଁଠି

**ଭୁବନେଶ୍ୱର**

- ଅଖିଳ ଭାରତ କୃଷକ ସଂଘର୍ଷ ସମନ୍ୱୟ ସମିତି ତରଫରୁ ରାଜ୍ୟବ୍ୟାପୀ କୃଷକ ଅଧିକାର ଯାତ୍ରାର ଉଦ୍ଘାଟନ, ମହାତ୍ମା ଗାନ୍ଧୀ ପ୍ରତିମୂର୍ତ୍ତି, ଗାନ୍ଧୀ ପାର୍କ, ସକାଳ ୯ଟା ୧୫।
- ଓଡ଼ିଶା ଷ୍ଟେଟ ସେଫ୍ଟି କନକ୍ଲେଭ, ନ୍ୟୁ ମାରିଅନ ହୋଟେଲ, ପୂର୍ବାହ୍ନ ୧୦ଟା ୩୦। କଳିଙ୍ଗ ସେଫ୍ଟି ଏକ୍ସିଲେନ୍ସ ଆୱାର୍ଡ, ସନ୍ଧ୍ୟା ୬ଟା।
- ମହାନଦୀ ବଞ୍ଚାଓ ଆନ୍ଦୋଳନ ପକ୍ଷରୁ ସଭା, ହୋଟେଲ କେଶରୀ, ମାଷ୍ଟରକ୍ୟାଣ୍ଟିନ ଛକ, ପୂର୍ବାହ୍ନ ୧୧ଟା।
- ଅନୁସୂଚିତ ଜନଜାତି ଓ ଜାତି ମହିଳା ରୋଷେୟା ସେବାୟତ ମହାସଂଘର ପ୍ରତିବାଦ ସଭା, ଲୋୟର ପିଏମ୍‌ଜି, ପୂର୍ବାହ୍ନ ୧୧ଟା ୩୦।
- କୃଷି ଓଡ଼ିଶା ପାଳନ ଅବସରରେ ମାସ୍କଟ ଉନ୍ମୋଚନ, ବିଜୁ ପଟ୍ଟନାୟକ ଖେଳପଡ଼ିଆ, ବରମୁଣ୍ଡା, ଅପରାହ୍ନ ୩ଟା ୩୦।
- ଅସୀମ ଉତ୍ସବ, ରବୀନ୍ଦ୍ର ମଣ୍ଡପ, ସନ୍ଧ୍ୟା ୭ଟା ୧୫।

**କଟକ**

- ଓଡିଶା ରାଜ୍ୟ ଆଶା ସାଥିସଂଘ ପକ୍ଷରୁ ବିକ୍ଷୋଭ, ସିଡିଏମ୍‌ଓ କାର୍ଯ୍ୟାଳୟ ସମ୍ମୁଖ, ପୂର୍ବାହ୍ନ ୧୧।
- ବସ୍ତିବାସିନ୍ଦାଙ୍କ ମିଳିତ ମଞ୍ଚ ପକ୍ଷରୁ ବିକ୍ଷୋଭ, ସିଏମ୍‌ସି କାର୍ଯ୍ୟାଳୟ ସମ୍ମୁଖ, ମଧ୍ୟାହ୍ନ ୧୨ଟା।

# ପଶ୍ଚିମବଙ୍ଗରେ ଓଡ଼ିଆ ଝିଅଙ୍କ ସଫଳତା

**କଟକ ଅଫିସ,୧୧।୩**


ଆଦ୍ୟାଶା ପାତ୍ର

### ଜେଇଇ (ମେନ୍)ରେ ଟପ୍ପର

ପଶ୍ଚିମବଙ୍ଗରେ ଜେଇଇ (ମେନ୍) ପରୀକ୍ଷାରେ ୯୯.୯୯ ପ୍ରତିଶତ ନମ୍ବର ରଖି ଓଡ଼ିଆ ଝିଅ ଆଦ୍ୟାଶା ପାତ୍ର ଟପ୍ପର ହୋଇଛନ୍ତି। ତାଙ୍କର ଏହି ସଫଳତା ଯୋଗୁ ପରିବାରବର୍ଗ ଏବଂ ଶିକ୍ଷୟିତ୍ରୀ ଶିକ୍ଷକମାନଙ୍କ ମଧ୍ୟରେ ଖୁସିର ଲହରି ଖେଳିଯାଇଛି। କଟକ ଚାଉଳିଆଗଞ୍ଜ ଅଞ୍ଚଳରେ ଆଦ୍ୟାଶାଙ୍କ ଘର। ତାଙ୍କ ପିତା ଚିନ୍ମୟ ପାତ୍ର ଦୁର୍ଗାପୁର ଇସ୍ପାତ କାରଖାନାରେ ଜେନେରାଲ ମ୍ୟାନେଜର ଏବଂ ମାତା ଡ. ବବିତା ସାହୁ ପଦାର୍ଥ ବିଜ୍ଞାନ ବିଭାଗରେ ଅଧ୍ୟାପିକା ଭାବେ କାର୍ଯ୍ୟରତ। ଦୁର୍ଗାପୁରସ୍ଥିତ ମନୀଷା ଇଣ୍ଟରନ୍ୟାଶନାଲ ସ୍କୁଲରେ ଦ୍ୱାଦଶ ଶ୍ରେଣୀରେ ଆଦ୍ୟାଶା ପଢୁଛନ୍ତି। ସେ ମୁମ୍ବାଇ ଆଇଆଇଟିରେ କମ୍ପ୍ୟୁଟର ସାଇନ୍ସ ପଢିବାକୁ ଆଶା ରଖିଛନ୍ତି। ଏଥିପୂର୍ବରୁ ସେ ନ୍ୟାଶନାଲ ଟାଲେଣ୍ଟ ସର୍ଚ୍ଚ ଏକ୍‌ଜାମ୍ (ଏନ୍‌ଟିଏସଇ) ଏବଂ କିଶୋର ବୈଜ୍ଞାନିକ ପ୍ରୋତ୍ସାହନ ଯୋଜନା (କେଭିପିୱାଇ) ପରୀକ୍ଷାରେ ମଧ୍ୟ ସଫଳତା ଲାଭ କରିଛନ୍ତି। ଆଦ୍ୟାଶା ନିଜର ଅଧ୍ୟବସାୟ, ଶିକ୍ଷକମାନଙ୍କ ଦିଗଦର୍ଶନ ଏବଂ ଗୁରୁଜନଙ୍କ ଆଶୀର୍ବାଦକୁ ସଫଳତାର ଶ୍ରେୟ ଦେଇଛନ୍ତି। ସେ ଅବସର ସମୟରେ ଗିଟାର ବଜାଇବା ଓ ବ୍ୟାଡମିଣ୍ଟନ ଖେଳିବାକୁ ପସନ୍ଦ କରନ୍ତି ବୋଲି ଆଦ୍ୟାଶା ପ୍ରକାଶ କରିଛନ୍ତି।

## ସେଲ୍‌ଫି କର୍ନର ଧରିତ୍ରୀ

**ଆମକୁ ପଠାନ୍ତୁ ଆପଣଙ୍କ ସେଲ୍‌ଫି**

metroselfie@gmail.com


@ ପ୍ରିୟା


@ ଇଜାଜ୍


@ କାହ୍ନା


@ ଦିଲେଶ୍ୱର


@ ପ୍ରଦୀପ


@ ସରୋଜ


@ ମାନସ

## ସଂକ୍ଷେପରେ

### ୯୭୩ ଫେରାର ଅଭିଯୁକ୍ତ ଗିରଫ

କଟକ ଅଫିସ, ୧୧।୩: ରାଜ୍ୟ ପୋଲିସ ପକ୍ଷରୁ ଜାମିନବିହୀନ ଗିରଫ ପରୱାନା (ଏନ୍‌ବିଡବ୍ଲ୍ୟୁ) ନେଇ ଏକ ସ୍ୱତନ୍ତ୍ର ଡ୍ରାଇଭ୍ ଗତ ୭ତାରିଖଠାରୁ ଆରମ୍ଭ ହୋଇଛି। ଏହା ୧୪ ତାରିଖ ପର୍ଯ୍ୟନ୍ତ ଚାଲିବ। ଗତ ୭ରୁ ୯ ତାରିଖ ମଧ୍ୟରେ ଏହି ଡ୍ରାଇଭ୍‌ରେ ୯୭୩ ଜଣ ଫେରାର ଅଭିଯୁକ୍ତ ଗିରଫ ହୋଇଛନ୍ତି। ସେମାନଙ୍କ ମଧ୍ୟରୁ ୮୪୩ ଜଣଙ୍କୁ ଜେନେରାଲ ରେଜିଷ୍ଟର୍ (ଜିଆର୍) ଏବଂ ସେଶନ ଟ୍ରାଏଲ୍ (ଏସ୍‌ଟି) ମାମଲାରେ ଗିରଫ କରାଯାଇ କୋର୍ଟଚାଲାଣ କରାଯାଇଛି। ଗଞ୍ଜାମ, ନୟାଗଡ଼, କଟକ, ବାଲେଶ୍ୱର ଓ କେନ୍ଦ୍ରାପଡ଼ା ଜିଲ୍ଲାରୁ ବହୁସଂଖ୍ୟକ ଅଭିଯୁକ୍ତଙ୍କୁ ଗିରଫ କରାଯାଇଥିବା ଗୁରୁବାର ପୋଲିସ ମୁଖ୍ୟ କାର୍ଯ୍ୟାଳୟ ପକ୍ଷରୁ ପ୍ରେସ୍ ବିବୃତିରେ ସୂଚନା ଦିଆଯାଇଛି।

### ପଦ୍ମଶ୍ରୀ ଦେବୀପ୍ରସନ୍ନ ପଟ୍ଟନାୟକଙ୍କୁ ସମ୍ବର୍ଦ୍ଧନା

ସାଲେପୁର,୧୧।୩ (ଡି.ଏନ୍.ଏ.)- ସାଲେପୁର ସାରସ୍ୱତ ସମାରୋହ ସମିତି ପକ୍ଷରୁ ବାଲିସାହି କଲ୍ୟାଣ ମଣ୍ଡପ ପରିସରରେ ଏକ ସମ୍ବର୍ଦ୍ଧନା ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଅନୁଷ୍ଠାନ ପକ୍ଷରୁ ପଦ୍ମଶ୍ରୀ ଦେବୀପ୍ରସନ୍ନ ପଟ୍ଟନାୟକଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଅନୁଷ୍ଠାନର ସଭାପତି ଅକ୍ଷୟ ଦାଶଙ୍କ ପୌରୋହିତ୍ୟରେ ମୁଖ୍ୟ ଅତିଥିଭାବେ ପଦ୍ମଶ୍ରୀ ପଟ୍ଟନାୟକ,ଅନ୍ୟତମ ଅତିଥିଭାବେ ବିଜୟାନନ୍ଦ ସିଂହ, ସଦାଶିବ ଦାଶ, ଜିଲାପରିଷଦ ସଭ୍ୟ ଚିତ୍ତରଞ୍ଜନ ମହାନ୍ତି ପ୍ରମୁଖ ଯୋଗଦେଇଥିଲେ।

### ମିଳିଲାନି ସିସିଟିଭି ଫୁଟେଜ

କିଶୋରନଗର କଲେଜ ଛାତ୍ର ଗଣ୍ଡଗୋଳ

କଟକସଦର,୧୧।୩(ଡି.ଏନ୍.ଏ.)- କଟକ ସଦର ବ୍ଲକ କିଶୋର ନଗର କଲେଜରେ ୬ତାରିଖରେ ଛାତ୍ରଗୋଷ୍ଠୀ ମଧ୍ୟରେ ମାରପିଟ ହୋଇଥିଲା। ଏଥିରେ ଅଣଛାତ୍ର ବେଶି ଥିବାରୁ ପୋଲିସ ସିସିଟିଭି ଫୁଟେଜ ଦେଖିବାକୁ ଚାହିଁଥିଲା। କଲେଜକୁ ଯିବାବେଳେ ସିସିଟିଭି ଦେଖିବାକୁ ଯାଇଥିବାବେଳେ ତାହା ଅଚଳ ଥିବାରୁ ଫୁଟେଜ ମିଳିପାରିଲା ନାହିଁ। ଏ ନେଇ କଲେଜ ଅଧ୍ୟକ୍ଷ ଅଜିତ କୁମାର ମୁଖାର୍ଜୀ କହିଛନ୍ତି, କିଛି ମାସ ହେବ ସିସିଟିଭି ଅଚଳ ହୋଇପଡ଼ିଥିବା ସ୍ୱୀକାର କରିଥିଲେ। +୨ ପରୀକ୍ଷା ପୂର୍ବରୁ ଏହାକୁ ସଚଳ କରାଯିବ। ଅବଶ୍ୟ ଗଣ୍ଡଗୋଳ ଘଟଣାର ଆପୋସ ସମାଧି ୨ ଛାତ୍ର ଗୋଷ୍ଠୀ ମଧ୍ୟରେ ହୋଇଯାଇଥିବା ଥାନାଧିକାରୀ ବାମଦେବ ସ୍ୱାଇଁ ସୂଚନା ଦେଇଛନ୍ତି।

### ଭାଜପା କଟକ ନଗର ଜିଲା କର୍ମକର୍ତ୍ତାଙ୍କ ନାମ ଘୋଷିତ

କଟକ ଅଫିସ, ୧୧।୩- ଭାଜପା ରାଜ୍ୟ ସଭାପତି ସମୀର ମହାନ୍ତିଙ୍କ ଅନୁମୋଦନ କ୍ରମେ ଗୁରୁବାର କଟକ ନଗର ଜିଲା ସଭାପତି ଲଲାଟେନ୍ଦୁ ବଡୁ ଦଳର ଯୋବ୍ରା ଦାସସାହିସ୍ଥିତ କାର୍ଯ୍ୟାଳୟରେ ନଗର ଜିଲା କର୍ମକର୍ତ୍ତାଙ୍କ ନାମ ଘୋଷଣା କରିଛନ୍ତି। କଟକ ନଗର ଜିଲା ଉପସଭାପତି ଭାବେ ସୁନୀଲ ଦ୍ୱିବେଦୀ, ସ୍ୱାଧୀନଚେତା ମହାନ୍ତି, ଭାଗୀରଥି ଦଲେଇ, କଳ୍ପନା ପଟ୍ଟନାୟକ, ଅରବିନ୍ଦ ଜୈନ, ଦୀପ୍ତି ସ୍ୱାଇଁ, ଅକ୍ଷୟ ଆଚାର୍ଯ୍ୟ, ଦେବାଶିଷ ରାୟ ମନୋନୀତ ହୋଇଛନ୍ତି। ସାଧାରଣ ସମ୍ପାଦକ ଭାବେ ବିବେକାନନ୍ଦ ନାୟକ, ବିଶ୍ୱରଞ୍ଜନ ମିଶ୍ର, ବୈଦେଶ୍ୱର ପଣ୍ଡା, ସମ୍ପାଦକ ଭାବେ ଭି. ସ୍ୱାତୀ, ଜୟକୃଷ୍ଣ ସ୍ୱାଇଁ, ଅମିତ ମିତ୍ର, ବିଶ୍ୱରଥି ସ୍ୱାଇଁ, ହରପ୍ରସନ୍ନ ଦାସ, ସ୍ୱର୍ଣ୍ଣଲତା ସେଠୀ, ସୋନିଆ ଶର୍ମା, ସଂଘମିତ୍ରା ତରାଇ ଓ କୋଷାଧ୍ୟକ୍ଷ ଭାବେ ପ୍ରଦୀପ ଶର୍ମାଙ୍କୁ ମନୋନୀତ କରାଯାଇଛି। ମହିଳା ମୋର୍ଚ୍ଚା ସଭାନେତ୍ରୀ ଭାବେ ପ୍ରବୀଣା ମହାପାତ୍ର, ଅନୁସୂଚିତ ଜାତି ମୋର୍ଚ୍ଚା ସଭାପତି ଭାବେ ଶିବ ପ୍ରସାଦ ସେଠୀ, କୃଷକ ମୋର୍ଚ୍ଚା ସଭାପତି ଭାବେ ପୂର୍ଣ୍ଣଚନ୍ଦ୍ର ଜେନା, ଓବିସି ମୋର୍ଚ୍ଚା ସଭାପତି ଭାବେ ମହେନ୍ଦ୍ର ମହାନ୍ତି, ସଂଖ୍ୟାଲଘୁ ମୋର୍ଚ୍ଚା ସଭାପତି ଭାବେ ମହମ୍ମଦ ସବିର୍ ମନୋନୀତ ହୋଇଛନ୍ତି। ଅନୁସୂଚିତ ଜନଜାତି ମୋର୍ଚ୍ଚା ସଭାପତି ଭାବେ କୁନାରାମ ସୋରେନ, କାର୍ଯ୍ୟାଳୟ ସମ୍ପାଦକ ଭାବେ ରତନ ମହାନ୍ତି, ସହସମ୍ପାଦକ ସୁଧୀର ଶତପଥୀ ଓ କାର୍ଯ୍ୟାଳୟ ସହାୟକ ଭାବେ କୈଳାସ ବେହେରାଙ୍କୁ ମନୋନୀତ କରାଯାଇଛି।

# ୮ ବର୍ଷ ହେବ ବନ୍ଦୀ ଜୀବନ

**ଅଶୋକ କୁମାର ମହାପାତ୍ର**
**ନିଶ୍ଚିନ୍ତକୋଇଲି, ୧୧।୩**


ସ୍ୱାମୀ ଶିବ ରଣାଙ୍କ ସହ ରଜନୀ

- ସରକାରୀ ସହାୟତା ସାତସପନ
- ମିଳୁନି ଭିନ୍ନକ୍ଷମ ଭତ୍ତା

ସରକାର ଭିନ୍ନକ୍ଷମମାନଙ୍କୁ ସମାଜର ମୁଖ୍ୟ ସ୍ରୋତରେ ସାମିଲ କରିବା ପାଇଁ ବିଭିନ୍ନ ଯୋଜନା କରିଛନ୍ତି। ମାତ୍ର ଏସବୁ ଯୋଜନାର ଲାଭ ହିତାଧିକାରୀଙ୍କୁ ମିଳିପାରୁନାହିଁ। ବହୁ ସମୟରେ ସେମାନଙ୍କ ଚିକିତ୍ସା ହୋଇପାରୁ ନ ଥିବାରୁ କଷ୍ଟ ପାଉଛନ୍ତି। କଟକ ଜିଲା ନିଶ୍ଚିନ୍ତକୋଇଲି ବ୍ଲକ ବରାଦୋ ପଞ୍ଚାୟତ ପାଟପୁର ଗ୍ରାମର ମାନସିକ ବିକାରଗ୍ରସ୍ତ ମହିଳା ରଜନୀ ରଣାଙ୍କୁ ପରିବାର ଲୋକେ ଚିକିତ୍ସା କରି ନ ପାରି ଘରେ ବାନ୍ଧିବାକୁ ବାଧ ହେଉଛନ୍ତି। ଫଳରେ ୮ ବର୍ଷରୁ ଊର୍ଦ୍ଧ୍ୱ ହେବ ସେ ବନ୍ଦୀ ଜୀବନ କଟାଉଛନ୍ତି। ମାତ୍ର ସରକାରୀ ସହାୟତା ତାଙ୍କ ପାଇଁ ସାତସପନ ପାଲଟିଛି। ସ୍ୱାମୀ ଶିବ ରଣା ଓ ୨ ଝିଅଙ୍କୁ ନେଇ ତାଙ୍କ ପରିବାର। ଉଭୟ ଝିଅଙ୍କ ବିବାହ ହୋଇଯାଇଛି। ପୂର୍ବରୁ ରଜନୀଙ୍କ ମାନସିକ ରୋଗ ଥିଲା। ମାତ୍ର ଝିଅଙ୍କ ବିବାହ ପରେ ଏହା ବଢ଼ିଯାଇଥିଲା। ଶିବ ତାଙ୍କୁ ନେଇ ବିଭିନ୍ନ ସ୍ୱାସ୍ଥ୍ୟକେନ୍ଦ୍ରରେ ଚିକିତ୍ସା କରାଇଥିଲେ। ତେବେ ଆର୍ଥିକ ସଙ୍କଟ ହେବାରୁ ଚିକିତ୍ସା ବାଧାପ୍ରାପ୍ତ ହୋଇଥିଲା। ଅପରପକ୍ଷେ ରାଶନ କାର୍ଡରେ ମିଳୁଥିବା ୧୦ କିଲୋ ଚାଉଳରେ ସ୍ୱାମୀ ଓ ସ୍ତ୍ରୀ ଚଳିବା କଷ୍ଟକର ହୋଇପଡୁଛି। ଶିବ ମଜୁରି ଲାଗି ଏବେ ପରିବାର ପୋଷଣ କରୁଛନ୍ତି। ରଜନୀ ମାନସିକ ବିକାରଗ୍ରସ୍ତ ହୋଇଥିବାରୁ ବହୁ ସମୟରେ ହିଂସ୍ର ହୋଇଯିବା ସହ ଘରେ ନ ରହି ଏଣେତେଣେ ଚାଲିଯାଉଛନ୍ତି। ବାଧ ହୋଇ ତାଙ୍କୁ ବାନ୍ଧି ଦେଇ ଶିବ କାମକୁ ଯାଉଛନ୍ତି। ଫେରିବା ପରେ ବି ସୁରକ୍ଷା ଦୃଷ୍ଟିରୁ ରଜନୀଙ୍କ ବେଡି ଫିଟି ନ ଥାଏ। ଏଭଳି ଦୁଃଖରେ ଦିନ କଟୁଥିବାବେଳେ ତାଙ୍କୁ ଭତ୍ତା ଅବା ସରକାରୀ ସହାୟତା ମିଳିପାରିନାହିଁ। ପୂର୍ବରୁ ଆବାସ ଯୋଜନାରେ ତାଙ୍କ ପରିବାରକୁ ସାମିଲ କରାଯାଇଥିଲା। ମାତ୍ର ପ୍ରଥମ କିସ୍ତିର ୫ ହଜାର ଟଙ୍କା ସ୍ତ୍ରୀ ଚିକିତ୍ସାରେ ଶିବ ଖର୍ଚ୍ଚ କରିଦେଇଥିଲେ। ଫଳରେ ଆଉ ଉକ୍ତ ଯୋଜନାରେ ଅର୍ଥ ମିଳି ନ ଥିଲା। ରଜନୀଙ୍କ ପାଖରେ ଭିନ୍ନକ୍ଷମ ପ୍ରମାଣପତ୍ର ଥିଲେ ବି ଭତ୍ତା ପାଇବାରୁ ବଞ୍ଚିତ ହୋଇଛନ୍ତି ବୋଲି ଶିବ କୁହନ୍ତି। ଏ ସମ୍ପର୍କରେ ସରପଞ୍ଚ ନୃସିଂହ ବିଶ୍ୱାଳ କୁହନ୍ତି ରଜନୀଙ୍କୁ ଭତ୍ତା ଦେବାପାଇଁ ଆବେଦନ କରାଯାଇଛି। ପୂର୍ବରୁ ଯୋଜନାର ପ୍ରଥମ କିସ୍ତି ଟଙ୍କା ପରିବାର ଲୋକେ ଖର୍ଚ୍ଚ କରି ଦେଇଥିବାରୁ ଏବେ ନୂଆ ସ୍କିମରେ ତାଙ୍କୁ ଅନ୍ତର୍ଭୁକ୍ତ କରାଯାଇ ଘର ଯୋଗାଇ ଦେବା ପାଇଁ ବ୍ୟବସ୍ଥା କରାଯାଉଛି। ବିଡିଓ କର୍ଣ୍ଣଦେବ ସମାଦ୍ଦାର କୁହନ୍ତି ପୂର୍ବରୁ ଏନେଇ ଏକ ଅଭିଯୋଗ ଆସିଥିଲା ଏହାପରେ ରଜନୀଙ୍କ ଚିକିତ୍ସା ପାଇଁ ଜିଲା ପ୍ରଶାସନକୁ ଅବଗତ କରାଯାଇଛି। ଖୁବଶୀଘ୍ର ତାଙ୍କୁ ସରକାରୀ ସହାୟତା ଯୋଗାଇ ଦିଆଯିବ।

# 'କମିଶନରେଟ ପୋଲିସ ଅଧିକ ଲୋକାଭିମୁଖୀ ହେଉ'

**କଟକ ଅଫିସ, ୧୧।୩:**


ପୋଲିସ କମିଶନର ସୌମେନ୍ଦ୍ର ପ୍ରିୟଦର୍ଶୀ ଉଦ୍‌ବୋଧନ ଦେଉଛନ୍ତି ।

### କାର୍ଯ୍ୟଶୈଳୀ ପରଖିଲେ ପୋଲିସ କମିଶନର

ନୂତନ ପୋଲିସ କମିଶନର ଭାବେ ସୌମେନ୍ଦ୍ର ପ୍ରିୟଦର୍ଶୀ ଦାୟିତ୍ୱ ଗ୍ରହଣ କରିବା ପରେ ଗୁରୁବାର କଟକ ଡିସିପିଙ୍କ କାର୍ଯ୍ୟାଳୟରେ ଅନୁଷ୍ଠିତ ବୈଠକରେ ଯୋଗଦେଇଥିଲେ। ଏହି ଅବସରରେ ସେ କମିଶନରେଟ ପୋଲିସକୁ ଅଧିକ ଲୋକାଭିମୁଖୀ ହେବା ଲାଗି ପରାମର୍ଶ ଦେଇଛନ୍ତି। କମିଶନର ବିଗତ ଦିନରେ କମିଶନରେଟ ପୋଲିସର କାର୍ଯ୍ୟକଳାପକୁ ତାରିଫ କରିଥିଲେ। ମୁଖ୍ୟତଃ ଆଇଆଇଏଫଏଲ୍ ଲୁଟ ମାମଲା, ସହରରେ ବଢୁଥିବା ଅପମିଶ୍ରିତ ଖାଦ୍ୟ ଘଟଣା ଓ ୨୨ବର୍ଷ ପରେ ଅଞ୍ଜନା ମିଶ୍ର ଗଣବଳାତ୍କାର ମାମଲାର ମୁଖ୍ୟ ଅଭିଯୁକ୍ତ ବିବନ ବିଶ୍ୱାଳଙ୍କୁ ଧରିବା ନେଇ ପୋଲିସର ପଦକ୍ଷେପକୁ ପ୍ରଶଂସା କରିଥିଲେ। କମିଶନରେଟ ପୋଲିସ କିପରି ଲୋକାଭିମୁଖୀ ହୋଇପାରିବ ସେ ଦିଗରେ ଅଧିକ ଯତ୍ନବାନ ହେବାକୁ କହିଥିଲେ। ଫେରାର ଅଭିଯୁକ୍ତମାନଙ୍କୁ ଧରିବା, ଥାନାକୁ ଆସୁଥିବା ଅଭିଯୋଗକୁ ଗ୍ରହଣ କରି ମାମଲାର ଉପଯୁକ୍ତ ତଦନ୍ତ ସହ ଅଭିଯୋଗକାରୀଙ୍କୁ ନ୍ୟାୟ ଦେବା, ମାମଲାଗୁଡ଼ିକୁ ଠିକ୍ ଭାବେ ତଦନ୍ତ କରି ଦୋଷୀଙ୍କୁ କିପରି ଦଣ୍ଡ ହୋଇପାରିବ ସେ ଦିଗରେ ପଦକ୍ଷେପ ନେବାକୁ ପରାମର୍ଶ ଦେଇଥିଲେ। ଏଥିସହ ସେ କଟକରେ ପୂର୍ବରୁ ଡିସିପି ଭାବରେ କାର୍ଯ୍ୟ କରିଛନ୍ତି। ତେଣୁ କଟକର ଗଳିକନ୍ଦି ସହ ସେ ଉତ୍ତମ ଭାବେ ପରିଚିତ। ସହରର ପ୍ରମୁଖ ସଙ୍ଗଠନ ଓ ବ୍ୟକ୍ତି ବିଶେଷଙ୍କ ସହ ସେ ଜଡ଼ିତ। ଯଦି କୌଣସି ପୋଲିସ ଅଧିକାରୀ ଭୁଲ କରନ୍ତି ତେବେ ତାଙ୍କ ନିକଟରେ ସମସ୍ତ ଖବର ପହଞ୍ଚିଯିବ ବୋଲି ଏହି ଅବସରରେ କମିଶନର ପ୍ରିୟଦର୍ଶୀ ଚେତାଇ ଦେଇଛନ୍ତି।

## ଅନୁବାଦ ମାଧ୍ୟମରେ ଭାଷାକୁ ଅନ୍ୟ ପାଖରେ ପହଞ୍ଚାଅ

**ଭୁବନେଶ୍ୱର, ୧୧।୩**

ଲକ୍ଷ୍ମୀସାଗରସ୍ଥିତ ପୂର୍ବାଞ୍ଚଳ ଭାଷାକେନ୍ଦ୍ର ପକ୍ଷରୁ ଓଡ଼ିଆ ଭାଷାର ଶାସ୍ତ୍ରୀୟ ମାନ୍ୟତା ଦିବସ ପାଳିତ ହୋଇଯାଇଛି। ଅଧ୍ୟକ୍ଷ ଡ. ସୁଜୟ ସରକାର ଏଥିରେ ସଭାପତିତ୍ୱ କରିଥିଲେ। ଆଇଆଇଟି କାନପୁରର ପୂର୍ବତନ ପ୍ରଫେସର ବିବୁଧେନ୍ଦ୍ର ନାରାୟଣ ପଟ୍ଟନାୟକ ଯୋଗଦେଇ ନିଜ ଭାଷା, ସାହିତ୍ୟକୃତିକୁ ଅନୁବାଦ ମାଧ୍ୟମରେ ଅନ୍ୟପାଖରେ ପହଞ୍ଚାଇବା ଭାଷା ପାଇଁ ଆମର କର୍ତ୍ତବ୍ୟ ବୋଲି ମତବ୍ୟକ୍ତ କରିଥିଲେ। ପୂର୍ବାଞ୍ଚଳ ଭାଷାକେନ୍ଦ୍ର ଅଧ୍ୟାପକ ଡ. ସଞ୍ଜୟ ବାଗଙ୍କ ସଂଯୋଜନାରେ ଓଡ଼ିଆ, ମୈଥିଳୀ, ସାନ୍ତାଳୀ ଓ ବଙ୍ଗଳା ଭାଷାର ଛାତ୍ରୀଛାତ୍ର, ଅଧ୍ୟାପିକା ଅଧ୍ୟାପକ ଉପସ୍ଥିତ ଥିଲେ। ଦେବାଶିଷ ମହାପାତ୍ର ଧନ୍ୟବାଦ ଦେଇଥିଲେ।

# ଓଡ଼ିଆ ବିଶ୍ୱର ଅନ୍ୟତମ ପ୍ରାଚୀନ ଓ ସମୃଦ୍ଧ ଭାଷା

**କଟକ ଅଫିସ, ୧୧।୩**

### ଓଡ଼ିଆ ଭାଷା ଶାସ୍ତ୍ରୀୟ ମାନ୍ୟତା ଦିବସ

ସାରଳା ସାହିତ୍ୟ ସଂସଦ ପକ୍ଷରୁ ସାରଳା ଭବନଠାରେ ଗୁରୁବାର ଓଡ଼ିଆ ଭାଷାର ଶାସ୍ତ୍ରୀୟ ମାନ୍ୟତା ଦିବସ ପାଳିତ ହୋଇଯାଇଛି। ଉତ୍ସବରେ ମୁଖ୍ୟ ଅତିଥି ଭାବେ ପୂର୍ବତନ ମୁଖ୍ୟ ଶାସନ ସଚିବ ସହଦେବ ସାହୁ ଯୋଗଦେଇ ଓଡ଼ିଆ ଭାଷାକୁ ବିଶ୍ୱର ଅନ୍ୟତମ ପ୍ରାଚୀନ ଓ ସମୃଦ୍ଧ ଭାଷା ବୋଲି କହିଥିଲେ। ସଂସଦର ପ୍ରତିଷ୍ଠାତା ଓ ସଭାପତି ଡ. ପ୍ରଭାକର ସ୍ୱାଇଁ ଅଧ୍ୟକ୍ଷତା କରିଥିଲେ। ପ୍ରଫେସର ଡା. ନିରଞ୍ଜନ ତ୍ରିପାଠୀ, ପ୍ରଫେସର ଡା. ନିମାଇଁ ଚରଣ ପରିଜା, ପ୍ରଫେସର ଡା. ନୀରଦ କୁମାର ଗଚ୍ଛାୟତ, ଡ. ସୁଲୋଚନା ଦାସ, ପ୍ରମୁଖ ଯୋଗଦେଇ ଶାସ୍ତ୍ରୀୟ ଭାଷାର ତାତ୍ପର୍ଯ୍ୟ ସମ୍ପର୍କରେ ଆଲୋକପାତ କରିଥିଲେ। ବିଭୁପ୍ରସାଦ ରାଉତ ଓ ବ୍ରଜକିଶୋର ବେଉରା କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଉତ୍କଳ ସାହିତ୍ୟ ସମାଜ ପକ୍ଷରୁ କାର୍ଯ୍ୟକ୍ରମ ହୋଇଯାଇଛି। ଅନୁଷ୍ଠାନ ସଭାପତି ତରୁଣ ସାହୁ ଉତ୍ସବରେ ସଭାପତିତ୍ୱ କରିଥିଲେ । ଅନୁଷ୍ଠାନ ପରିସରରେ ଥିବା ବରପୁତ୍ରମାନଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରାଯାଇଥିଲା। ଡ. ସୁନାମଣି ରାଉତ, ବ୍ରହ୍ମାନନ୍ଦ ମହାନ୍ତି, ଗଜେନ୍ଦ୍ର ପାଣି, ଆର୍ତ୍ତତ୍ରାଣ ବିଶ୍ୱାଳ, ଅଧ୍ୟାପକ କମଳ ମାହୁନ୍ତ, ଦେବପ୍ରସାଦ ମିଶ୍ର ପ୍ରମୁଖ ଯୋଗଦେଇ ଓଡ଼ିଆ ଭାଷାର ଐତିହ୍ୟ ଓ ପରମ୍ପରା ସମ୍ପର୍କରେ ଆଲୋଚନା କରିଥିଲେ। ସଙ୍ଗଠନ ସମ୍ପାଦକ ଆଦିତ୍ୟ ପ୍ରତାପ ଧଳ ଧନ୍ୟବାଦ ଦେଇଥିଲେ। ଉତ୍କଳମଣି ସେବା ସଂଘ, ଉତ୍କଳ ପୂଜନ ପରିଷଦ ଓ ଉଦୟନାଥ ଚାରିଟେବୁଲ ଟ୍ରଷ୍ଟର ମିଳିତ ଆନୁକୂଲ୍ୟରେ ସିଡିଏ ସେକ୍ଟର-୯ସ୍ଥିତ ପରିଷଦର କାର୍ଯ୍ୟାଳୟରେ ଓଡ଼ିଆ ଭାଷା ଶାସ୍ତ୍ରୀୟ ମାନ୍ୟତା ଦିବସ ପାଳିତ ହୋଇଯାଇଛି। ଏଥିରେ ଶିକ୍ଷାବିତ୍ କୈଳାସ ଚନ୍ଦ୍ର ବରାଳ ପୌରୋହିତ୍ୟ କରିଥିଲେ। ଅଧ୍ୟାପିକା ଝରଣା ସାହୁ, ଡ. ଦିଲୀପ ମୁଦୁଲି, ଶିକ୍ଷାବିତ ସ୍ୱର୍ଣ୍ଣଲତା ଷଡଙ୍ଗୀ, ପ୍ରଶାନ୍ତ କୁମାର ଭୂୟାଁ, ଜନାର୍ଦ୍ଦନ ଦାଶ ପ୍ରମୁଖ ଉପସ୍ଥିତ ଥିଲେ। ସୁକାନ୍ତ ପ୍ରଧାନ ଧନ୍ୟବାଦ ଦେଇଥିଲେ। କଟକ ଜିଲା ଉତ୍କଳ ସମ୍ମିଳନୀ ପକ୍ଷରୁ ତେଲେଙ୍ଗାବଜାରସ୍ଥିତ ରଘୁନାଥଜୀଉ ମନ୍ଦିରରେ ଓଡ଼ିଆ ଶାସ୍ତ୍ରୀୟ ଭାଷା ମାନ୍ୟତା ଦିବସ ପାଳିତ ହୋଇଯାଇଛି। ମୁଖ୍ୟଅତିଥି ଶିକ୍ଷାବିତ୍ ଗଜେନ୍ଦ୍ର ପାଣି ଏବଂ ସମ୍ମାନିତ ଅତିଥି ଡା. ରବି ରଞ୍ଜନ ସାହୁ ଉପସ୍ଥିତ ଥିଲେ। ସମ୍ପାଦକ ଶତ୍ରୁଘ୍ନ ପଟ୍ଟନାୟକଙ୍କ ଅଧ୍ୟକ୍ଷତାରେ ସମ୍ପାଦକ ନୃସିଂହ ମହାପାତ୍ର ସୂଚନା ଓ ସମ୍ପାଦକ ମାଧବ ମିଶ୍ର ଧନ୍ୟବାଦ ଦେଇଥିଲେ।

# ଶାସ୍ତ୍ରୀୟ ମାନ୍ୟତା ପରେ ଓଡ଼ିଆଙ୍କ ଗୌରବ ବଢ଼ିଛି

**ଭୁବନେଶ୍ୱର, ୧୧।୩ (ବ୍ୟୁରୋ)**


କାର୍ଯ୍ୟକ୍ରମରେ ଯୋଗଦେଇଥିବା ଅତିଥିମାନେ ।

ଓଡ଼ିଆ ଭାଷା ପ୍ରତିଷ୍ଠାନ ଓ ଶାସ୍ତ୍ରୀୟ ଓଡ଼ିଆ ଉତ୍କର୍ଷ ଅଧ୍ୟୟନ କେନ୍ଦ୍ର ପକ୍ଷରୁ ସଂସ୍କୃତି ଭବନଠାରେ ଓଡ଼ିଆ ଭାଷାର ଶାସ୍ତ୍ରୀୟ ମାନ୍ୟତା ଦିବସ ଗୁରୁବାର ଅନୁଷ୍ଠିତ ହୋଇଯାଇଛି। ଅଧ୍ୟୟନ କେନ୍ଦ୍ର ଭାରତୀୟ ଭାଷା ସଂସ୍ଥାନର ପ୍ରକଳ୍ପ ନିର୍ଦ୍ଦେଶକ ପ୍ରଫେସର ବସନ୍ତ କୁମାର ପଣ୍ଡା ଯୋଗଦେଇ କହିଲେ, ଭାଷା କେବେ ମରେନାହିଁ, ବ୍ୟବହାର ହେଲେ ଏହା ବଞ୍ଚେ। ଓଡ଼ିଆ ଭାଷା ଶାସ୍ତ୍ରୀୟ ମାନ୍ୟତା ପାଇବା ପରେ ଓଡ଼ିଆମାନଙ୍କର ଗୌରବ ବଢ଼ିଛି। ତେବେ ଭାଷାର ଆହୁରି ପ୍ରଚାର ପ୍ରସାର କରିବାକୁ ହେଲେ ନୃତତ୍ତ୍ୱ ପୁସ୍ତକଠାରୁ ଆରମ୍ଭ କରି ଇଞ୍ଜିନିୟରିଂ ପର୍ଯ୍ୟନ୍ତ ସମସ୍ତ ପାଠ୍ୟ ପୁସ୍ତକ ଓଡ଼ିଆରେ ହେବା ଆବଶ୍ୟକ ବୋଲି ସେ ମତ ଦେଇଥିଲେ। ସମ୍ମାନିତ ଅତିଥି ଭାବେ ସାତକଡି ହୋତା ଯୋଗଦେଇ ଭାଷାର ବହୁଳ ବ୍ୟବହାର ଓ ଗବେଷଣା ଉପରେ ଆଲୋକପାତ କରିଥିଲେ। ଭାଷା ଭାଷା ମଧ୍ୟରେ ସାମ୍ୟ ଓ ସମ୍ପର୍କ ଉପରେ ଭାଷାବିତ୍ ପଦ୍ମଶ୍ରୀ ଡ. ଦେବୀପ୍ରସନ୍ନ ପଟ୍ଟନାୟକ ଗୁରୁତ୍ୱ ଦେଇଥିଲେ। ଓଡ଼ିଆ ଭାଷା ସାହିତ୍ୟ ଓ ସଂସ୍କୃତି ବିଭାଗ ନିର୍ଦ୍ଦେଶକ ରଞ୍ଜନ କୁମାର ଦାସ କହିଲେ, ଓଡ଼ିଆ ଭାଷା ହେଉଛି ଆମର ପରିଚୟ। ପ୍ରଥମେ ଆମ ଭିତରେ ଭାଷାକୁ ନେଇ ଭଲପାଇବା ସୃଷ୍ଟି ହେବା ଦରକାର ବୋଲି ସେ ମତ ଦେଇଥିଲେ। ଏହି ଅବସରରେ ଓଡ଼ିଶା ଲୋକସେବା ଭବନ ଓ ବିଭାଗୀୟ ମୁଖ୍ୟ ଦପ୍ତର ଅଧିକାରୀ ଏବଂ କର୍ମଚାରୀଙ୍କ ମଧ୍ୟରେ ଓଡ଼ିଆରେ ଚିଠା, ଟିପ୍ପଣୀ ପ୍ରସ୍ତୁତି ପ୍ରତିଯୋଗିତାର କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା। ସମ୍ମାନିତ ଅତିଥି ଭାବେ ସାହିତ୍ୟିକ ଦାସ ବେନହୁର, ଯତିନ୍ କୁମାର ନାୟକ ପ୍ରମୁଖ ଯୋଗଦେଇଥିଲେ। ଓଡ଼ିଆ ଭାଷା ପ୍ରତିଷ୍ଠାନର ନିର୍ଦ୍ଦେଶିକା ଡ. ଭାଗ୍ୟଲିପି ମଲ୍ଲ ପ୍ରାରମ୍ଭିକ ସୂଚନା ଓ ତତ୍ତ୍ୱାବଧାରକ ଇନ୍ଦ୍ରମଣି ତ୍ରିପାଠୀ ଧନ୍ୟବାଦ ଦେଇଥିଲେ।

# ୨ଦିନରେ ୧୮ଜଣଙ୍କୁ ଗିରଫ କଲା ସ୍ପେଶାଲ ସ୍କ୍ୱାଡ

**ଭୁବନେଶ୍ୱର,୧୧।୩(ବ୍ୟୁରୋ)**–ରାଜଧାନୀରେ ଥାନାରେ ସ୍ପେଶାଲ ସ୍କ୍ୱାଡ୍ ଗଠନ ହେବାପରେ ଆକ୍ସନ ମୋଡକୁ ଆସିଛି କମିଶନରେଟ୍ ପୋଲିସ। ଡିସିପି ଉମାଶଙ୍କରଙ୍କ ନିର୍ଦ୍ଦେଶକ୍ରମେ ଷ୍ଟ୍ରିଟ୍ କ୍ରାଇମ୍ ରୋକିବାକୁ ରାତିରେ ଘନଘନ ପାଟ୍ରୋଲିଂ କରୁଛି ପୋଲିସ। ଗୁରୁବାର କମିଶନରେଟ୍ ପୋଲିସର ଏୟାରପୋର୍ଟ, ଶହୀଦନଗର, ଖଣ୍ଡଗିରି, ବଡ଼ଗଡ଼ ଥାନା ସ୍ପେଶାଲ ସ୍କ୍ୱାଡ୍ ଟିମ୍ ୫ଜଣ ଅଭିଯୁକ୍ତଙ୍କୁ ଧରିଛି। ୨ଦିନ ମଧ୍ୟରେ ସ୍ପେଶାଲ ସ୍କ୍ୱାଡ୍ ୧୮ଜଣଙ୍କୁ ଗିରଫ କରିସାରିଲାଣି।

### ଦୋକାନୀଙ୍କୁ ଗରମତେଲ ମାଡ଼, ଗ୍ରାହକ ଗିରଫ

ଖାଇବାକୁ ମୋମୋ ଦେବାରେ ବିଳମ୍ବ ହେବାରୁ ରାଗରେ ଦୋକାନୀଙ୍କୁ ଗରମତେଲ ଛାଟିବା ଅଭିଯୋଗରେ ଏୟାରପୋର୍ଟ ଥାନା ପୋଲିସ ଜଣଙ୍କୁ ଗିରଫ କରିଛି। ସେ ହେଲେ ଲିଙ୍ଗରାଜ ଥାନା କୁଞ୍ଜପାଟଣାସାହିର ଅମିତ ସ୍ୱରୂପ ମହାପାତ୍ର ଓରଫ ସାଲିଆ।

### ବାଇକ୍ ଚୋର ଗିରଫ

ଖଣ୍ଡଗିରି ଥାନା ପୋଲିସ ଗୁରୁବାର ଜଣେ ବାଇକ ଚୋରଙ୍କୁ ଗିରଫ କରିଛି। ସେ ହେଲେ ଖଣ୍ଡଗିରି ଡୁମୁଡୁମା ରଘୁନାଥ ନଗରର ଦୀପକ କୁମାର ସାହୁ। ପୋଲିସ ତାଙ୍କ ନିକଟରୁ ଗୋଟିଏ ବାଇକ୍, ୨ଟି ସାଇକେଲ ଜବତ କରିଛି। ଏନେଇ ପୋଲିସ କେସ ନଂ. ୧୫୬/୨୧ରେ ଅଭିଯୁକ୍ତଙ୍କୁ କୋର୍ଟଚାଲାଣ କରିଛି।

### ୨ ମୋବାଇଲ ଲୁଟେରା ଗିରଫ

ମୋବାଇଲ ଲୁଟ୍ ଅଭିଯୋଗରେ ଶହୀଦନଗର ଓ ବଡଗଡ ଥାନା ପୋଲିସ ୨ଜଣ ମୋବାଇଲ ଲୁଟେରାଙ୍କୁ ଗିରଫ କରିଛି। ଜଣେ ସିକ୍ୟୁରିଟି ଗାର୍ଡଙ୍କ ମୋବାଇଲ ଲୁଟ୍ କରିବା ଅଭିଯୋଗରେ ଶହୀଦନଗର ଥାନା ପୋଲିସ ଜଣେ ଯୁବକଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି। ଗିରଫ ଅଭିଯୁକ୍ତ ଜଣକ ହେଲେ ମଞ୍ଚେଶ୍ୱର ଥାନା ସବରସାହିର ଶଶୀକାନ୍ତ ପ୍ରଧାନ ଓରଫ ମୁନା(୨୦)। ପୋଲିସ ମୁନାଙ୍କ ନିକଟରୁ ଚୋରି ମୋବାଇଲ ଜବତ କରିଛି । ସେହିପରି ଜନୈକା ଯୁବତୀଙ୍କ ଫୋନ୍ ଲୁଟ୍ ଅଭିଯୋଗରେ ବଡ଼ଗଡ଼ ଥାନା ପୋଲିସ ଜଣଙ୍କୁ ଗିରଫ କରିଛି। ଗିରଫ ଅଭିଯୁକ୍ତ ଜଣକ ହେଲେ ଖଣ୍ଡଗିରି ଥାନା ଅନ୍ତର୍ଗତ ସିରିପୁର ଅଞ୍ଚଳର ଅପୁ ଓରଫ ଶୁଭକାନ୍ତ ସାହୁ(୨୦)। ତାଙ୍କ ନିକଟରୁ ୨ଟି ଲୁଟ୍ ମୋବାଇଲ ଫୋନ ଜବତ କରାଯାଇଛି।

### ମକାଦୋକାନରୁ ଚୋରି କରି ଧରାପଡ଼ିଲା

ମକା ଦୋକାନରୁ ଗ୍ୟାସ ସିଲିଣ୍ଡର, ରିକ୍ସା ସମେତ ମକା ଚୋରି କରିବା ଅଭିଯୋଗରେ ଶହୀଦନଗର ଥାନା ପୋଲିସ ଜଣେ ଅଟୋ ଡ୍ରାଇଭରଙ୍କୁ ଗିରଫ କରିଛି। ଅଭିଯୁକ୍ତ ଜଣକ ହେଲେ ଯାଜପୁର ଜଲା ମଙ୍ଗଳପୁର ଥାନା ଅନ୍ତର୍ଗତ ଦଶରଥପୁର ଗ୍ରାମର ସୁମନ କର(୩୨)। ପୋଲିସ ତାଙ୍କ ନିକଟରୁ ଏକ ଅଟୋ, ଗ୍ୟାସ ସିଲିଣ୍ଡର ଜବତ କରିଛି।

## ଆଜି କ'ଣ କେଉଁଠି

**ପୁରୀ**
- ସମୁଦ୍ର ଆଳତି, ମହୋଦଧି କୂଳ, ସକାଳ ୬ଟା ୩୦।

**କୋଣାର୍କ**
- ପ୍ରତ୍ନତତ୍ତ୍ୱ ବିଭାଗ ପକ୍ଷରୁ ସ୍ମରଣୀୟ ଉତ୍ସବ, ସୂର୍ଯ୍ୟ ମନ୍ଦିର, କୋଣାର୍କ, ଅପରାହ୍ନ ୫ଟା।

**ସାକ୍ଷୀଗୋପାଳ**
- ବରିଷ୍ଠ ନାଗରିକଙ୍କୁ ପ୍ରଥମ ପର୍ଯ୍ୟାୟ କୋଭାକ୍ସିନ ଟିକାକରଣ, ସାକ୍ଷୀଗୋପାଳ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର, ସକାଳ ୯ଟା।

## ସଂକ୍ଷେପରେ

### ଜନ୍ମଦିନରେ ଚାରାରୋପଣ

**କଣ୍ଟାପଡା, ୧୧।୩ (ଡି.ଏନ୍.ଏ.)-** କଣ୍ଟାପଡ଼ା ବ୍ଲକ ଅନ୍ତର୍ଗତ ସାଇଲୋ ବଡବିଲ ଗୋପବନ୍ଧୁ ବିଦ୍ୟାମନ୍ଦିର ପୁରାତନ ଛାତ୍ର ସଂସଦ ପକ୍ଷରୁ ଚାଲିଆସୁଥିବା ଜନ୍ମଦିନରେ ଗଛଟିଏ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ପୁରାତନ ୨ଛାତ୍ର ସେମାନଙ୍କ ସ୍ତ୍ରୀଙ୍କ ଜନ୍ମଦିନରେ ରାସ୍ତାପାର୍ଶ୍ୱରେ ଜାମୁ, ସପେଟା ଚାରାରୋପଣ କରିଥିଲେ। ଏହି କାର୍ଯ୍ୟକ୍ରମରେ ପ୍ରକାଶ ବେହେରା, ସଞ୍ଜୟ ରାଉତରାୟ, ବେଣୁଧର ପାତ୍ର, ଚନ୍ଦନ ଜେନା, ବିଶ୍ୱଜିତ ମହାନ୍ତି ପ୍ରମୁଖ ପୁରତନ ଛାତ୍ର ସହଯୋଗ କରିଥିଲେ।

### ଶିବ ସନ୍ଦେଶ ରଥଯାତ୍ରା ଉଦ୍‌ଯାପିତ

**ପିପିଲି, ୧୧।୩(ସ୍ୱ.ପ୍ର.)-** ପିପିଲି ପ୍ରଜାପିତା ବ୍ରହ୍ମାକୁମାରୀ ଈଶ୍ୱରୀୟ ବିଶ୍ୱବିଦ୍ୟାଳୟ ତରଫରୁ ୩ ଦିନ ଧରି ଚାଲିଥିବା ଶିବ ସନ୍ଦେଶ ରଥଯାତ୍ରା ଶିବରାତ୍ରିରେ ଉଦ୍‌ଯାପିତ ହୋଇଯାଇଛି। ସ୍ଥାନୀୟ ଉପକେନ୍ଦ୍ରରେ ଆୟୋଜିତ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ଅଧାପିକା ଡ. ପ୍ରତିଭା ମହାରଥୀ ଯୋଗଦେଇ ଶାଖାର ଧର୍ମୀୟ ପତାକା ଉତ୍ତୋଳନ କରି କାର୍ଯ୍ୟର ଶୁଭାରମ୍ଭ କରିଥିଲେ। ପରେ ପିପିଲି ଉପକେନ୍ଦ୍ରର ମୁଖ୍ୟ ପରିଚାଳିକା ବ୍ରହ୍ମାକୁମାରୀ ସରସ୍ୱତୀ ଭଉଣୀଙ୍କ ସଭାପତିତ୍ୱରେ ସଭା ହୋଇଥିଲା। ଏଥିରେ ଆଶ୍ରମର ବରିଷ୍ଠ କର୍ମକର୍ତ୍ତା ବିଦ୍ୟାଧର ଭାଇ, ଶତ୍ରୁଘ୍ନ ଭାଇ ଯୋଗଦେଇ ଶିବ ଜୟନ୍ତୀ ଉପଲକ୍ଷେ ଧର୍ମୀୟ ଭାବନା ଜଣାଇଥିଲେ। କାର୍ଯ୍ୟକ୍ରମରେ ଅକ୍ଷୟ ଭାଇ, ପ୍ରଶାନ୍ତ ଭାଇ, ସୁଧା ଭାଇ, ପ୍ରଦୀପ ଭାଇ, ଲଳିତା ଭଉଣୀ, ସ୍ୱପ୍ନା ଭଉଣୀ, ଆଇନଜୀବୀ ବବିତା ଭଉଣୀ, କୁନ୍ତି ଭଉଣୀ ଏବଂ ଟୁଟୁ ଭାଇ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଶେଷରେ ନିତୁ ଭଉଣୀଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା।

# ଜାଗରପଦାରେ ଉଜାଗର ଭକ୍ତ

- ମନସ୍କାମନା ପୂରଣ ପାଇଁ ଦୀପ ଜାଳିଲେ
- ଶ୍ରୀଲୋକନାଥଙ୍କ ଦର୍ଶନ ସହ ପୂଜାର୍ଚ୍ଚନା କଲେ

**ପୁରୀ ଅଫିସ, ୧୧।୩**

ଶ୍ରୀଲୋକନାଥଙ୍କ ପୀଠରେ ଗୁରୁବାର ପବିତ୍ର ଜାଗରଯାତ୍ରା ପାଳିତ ହୋଇଯାଇଛି। କୋଭିଡ୍ କଟକଣା ମାନି ଶ୍ରଦ୍ଧାଳୁମାନେ ଧାଡ଼ିରେ ଯାଇ ପ୍ରଭୁ ଶ୍ରୀଲୋକନାଥଙ୍କ ଦର୍ଶନ କରିଥିଲେ। ସନ୍ଧ୍ୟାଠାରୁ ମହାଦୀପ ଉଠିବା ପର୍ଯ୍ୟନ୍ତ ସହସ୍ରାଧିକ ଭକ୍ତ ମନସ୍କାମନା ପୂରଣ ନିମନ୍ତେ ଉପବାସ ପାଳନ ସହ ରାତି ଉଜାଗର ରହି ଜାଗରପଦାରେ ଦୀପ ଜାଳି ବସିରହିଥିଲେ। ଏଥିଲାଗି ପ୍ରଶାସନ ପକ୍ଷରୁ ଆବଶ୍ୟକ ବ୍ୟବସ୍ଥା କରାଯିବା ସହ ବ୍ୟାପକ ପୋଲିସ ଫୋର୍ସ ମୁତୟନ କରାଯାଇଥିଲା। ବିଶେଷକରି ମହାଦୀପ ଉଠିବା ଓ ହରିହର ଭେଟ ଦେଖିବାକୁ ଉତ୍କଣ୍ଠା ପ୍ରକାଶ ପାଇଥିଲା।

ପୂର୍ବ ନିର୍ଦ୍ଧାରିତ ନୀତି ଅନୁଯାୟୀ, ଗୁରୁବାର ରାତ୍ର ୧୨ଟା ୩୦ରେ ଦ୍ୱାରଫିଟା ନୀତି ପରେ ମଙ୍ଗଳ ଆଳତି, ଗୋପାଳ ବଲ୍ଲଭ, ସୂର୍ଯ୍ୟପୂଜା ଓ ସକାଳ ଧୂପ ସମ୍ପନ୍ନ ହୋଇଥିଲା। ଭୋର ୪ଟାରୁ ସାଧାରଣ ଦର୍ଶନ ଆରମ୍ଭ ହୋଇଥିଲା। ଶ୍ରଦ୍ଧାଳୁଙ୍କ ପାଇଁ ଗମ୍ଭୀରା ମନା ଥିବାରୁ ସେମାନେ ପ୍ରଭୁଙ୍କୁ ବାହାରୁ ଦର୍ଶନ କରିଥିଲେ। ଶ୍ରୀଲୋକନାଥ ଦେବଙ୍କ ଅତି ପ୍ରିୟ ଚୁଡ଼ାଘଷା ଭୋଗ ଲଗାଯାଇଥିଲା।


ପ୍ରଭୁ ଶ୍ରୀଲୋକନାଥ

ମନ୍ଦିର ଭିତରେ ଦୀପ ଲଗାଇ ବସିବା ମନା ହୋଇଥିବାରୁ ପ୍ରଶାସନ ପକ୍ଷରୁ ଦେଢ଼ ଏକର ପରିବ୍ୟାପ୍ତ ଜାଗରପଦାରେ ବ୍ୟବସ୍ଥା କରାଯାଇଥିଲା। ସାମାଜିକ ଦୂରତ୍ୱ ରକ୍ଷା ଓ ସାନିଟାଇଜେଶନକୁ ଗୁରୁତ୍ୱ ଦିଆଯାଇଥିଲା। ସେହିପରି ୫ଫୁଟର ମହାଦୀପରେ ଶ୍ରଦ୍ଧାଳୁମାନେ ଘୃତ ଦାନ କରିଥିଲେ। ଏହି ମହାଦୀପ ପଙ୍କୋଦ୍ଧାର ଏକାଦଶୀଠାରୁ ଜଳିଆସୁଥିଲା। ମାନସିକଧାରୀମାନେ ଏଥର ପଙ୍କୋଦ୍ଧାର ସୁଯୋଗରୁ ବଞ୍ଚିତ ହୋଇଥିଲେ ମଧ୍ୟ ଶ୍ରୀଲୋକନାଥ ଦେବଙ୍କୁ ରୁପାର ରୂପ ପ୍ରଦାନ କରି ମାନସିକ କରିଥିଲେ। ସାଧାରଣତଃ କୌଣସି ବ୍ୟାଧିରେ ପୀଡ଼ିତ ବ୍ୟକ୍ତି ଲୋକନାଥଙ୍କ ଉଦ୍ଦେଶ୍ୟରେ ରୁପା ନିର୍ମିତ ସାମଗ୍ରୀ ମାନସିକ ରଖି ଦାନ କଲେ ସମ୍ପୃକ୍ତ ବ୍ୟାଧିରୁ ମୁକ୍ତ ହୋଇଥାନ୍ତି ବୋଲି ବିଶ୍ୱାସ ରହିଛି। ସାଧାରଣ ଦର୍ଶନକୁ ରାତି ୧୦ଟାରେ ବନ୍ଦ କରାଯାଇ ସମସ୍ତ ନୀତିକାନ୍ତି ସମ୍ପନ୍ନ କରାଯାଇଥିଲା। ଏହି ସମୟ ମଧ୍ୟରେ ଶ୍ରୀଲୋକନାଥଙ୍କ ଚଳନ୍ତି ପ୍ରତିମା ଶ୍ରୀମନ୍ଦିରରୁ ବାହାରି ସହରର ବିଭିନ୍ନ ସ୍ଥାନରେ ପନ୍ତି ଭୋଗ ଖାଇ ରାତ୍ର ୧୧ଟା ୩୦ ମିନିଟ୍‌ରେ ଲୋକନାଥ ମନ୍ଦିରରେ ପହଞ୍ଚିଥିଲେ। ନୀତିକାନ୍ତି ସରିବା ବେଳକୁ ରାତି ପ୍ରାୟ ୨ଟା ହୋଇଯାଇଥିଲା। ରାତି ୨ରୁ ୩ଟା ମଧ୍ୟରେ ହରିହର ପୂଜାଭୋଗ ସମ୍ପନ୍ନ, ଚତୁର୍ଦ୍ଦଶୀ ଭୋଗ, ବଡସିଂହାର ଭୋଗ ସରି ମହାଦୀପ ପ୍ରଜ୍ୱଳନ ହୋଇଥିଲା। ମହାଦୀପ ଉଠିବା ପରେ ଶ୍ରଦ୍ଧାଳୁମାନେ ଉପବାସ ଭାଙ୍ଗିଥିଲେ। ପୁରୀ ବଡ଼ଶଙ୍ଖ ନିବାସୀ ଈଶ୍ୱର କିଶୋର ମହାପାତ୍ରଙ୍କ ସମେତ ଅନେକ ଶ୍ରଦ୍ଧାଳୁ କୋଭିଡ୍ କଟକଣା ମଧ୍ୟରେ ଶୃଙ୍ଖଳିତ ଦର୍ଶନ ନେଇ ପ୍ରଶାସନର ଉଦ୍ୟମକୁ ପ୍ରଶଂସା କରିଥିଲେ।


ଶ୍ରୀଲୋକନାଥ ମନ୍ଦିର ପରିସରରେ ଶ୍ରଦ୍ଧାଳୁଙ୍କ ଲମ୍ବା ଧାଡ଼ି।

## ୨୧ରେ ରାଜ୍ୟସ୍ତରୀୟ ସାହିତ୍ୟ ଆସର

**କୋଣାର୍କ, ୧୧।୩ (ଡି.ଏନ୍.ଏ.)**

ଅର୍କଶ୍ରୀ ଶିଳ୍ପବାଟିକାରେ କୋଣାର୍କ ଭାଷା ସାହିତ୍ୟ ଓ ସଂସ୍କୃତି ବିକାଶ ପରିଷଦ ପକ୍ଷରୁ ୨୧ତାରିଖରେ ତୃତୀୟ ବାର୍ଷିକ ରାଜ୍ୟସ୍ତରୀୟ ସାହିତ୍ୟ ଆସର ଓ ପ୍ରତିଭା ସମ୍ମାନ ସମାରୋହ ହେବ। ଏ ନେଇ ଏକ ପ୍ରସ୍ତୁତି ବୈଠକ ସଂସ୍କୃତି ପରିଷଦ ପକ୍ଷରୁ ଅନୁଷ୍ଠିତ ହୋଇଯାଇଛି। ବିଶ୍ୱରେ କୋଣାର୍କ ଶୀର୍ଷକ ଆଲୋଚନାଚକ୍ର, କବିତା ପାଠୋତ୍ସବ ଆଦି କାର୍ଯ୍ୟକ୍ରମ ହେବ। ଅତିଥି ଭାବେ ରାଜ୍ୟ ଶିଶୁ ଅଧିକାର ସୁରକ୍ଷା ଅଧ୍ୟକ୍ଷା ସନ୍ଧ୍ୟାବତୀ ପ୍ରଧାନ, ରାଜ୍ୟ ଯୁବ ଲେଖକ ସମ୍ମେଳନ ଅଧ୍ୟକ୍ଷ ଶଙ୍କର୍ଷଣ ପରିଡ଼ା, ଜଗତ୍‌ସିଂହପୁର ପୂର୍ବତନ ଏମ୍‌ପି ବିଭୁପ୍ରସାଦ ତରାଇ, ରାଜ୍ୟ ଐତିହ୍ୟ ଗବେଷଣା ପରିଷଦ ସଭାପତି ଡ. ସୁରେନ୍ଦ୍ର କୁମାର ମିଶ୍ର, ସାହିତ୍ୟିକ ବୀରେନ୍ଦ୍ର ମହାନ୍ତି, ପ୍ରାଧ୍ୟାପିକା କମଳ ଦେବୀ, ଏନଏସି ନିର୍ବାହୀ ଅଧିକାରୀ ଏମ୍. ଶ୍ରୀନିବାସ, ପ୍ରଶାସକ ପ୍ରଭାତ ତରାଇ ପ୍ରମୁଖ ଯୋଗ ଦେବେ। ଅନୁଷ୍ଠାନର ମୁଖ୍ୟ ଉପଦେଷ୍ଟା ସୁବାସ ଚନ୍ଦ୍ର ବରାଳ, ସଭାପତି ପ୍ରଦୀପ ଛାଟୋଇ, ସମ୍ପାଦକ ଭାଗୀରଥି ସ୍ୱାଇଁ, ଯୋଗଗୁରୁ ମହେଶ୍ୱର ସାମଲ, ସାମାଜିକ କର୍ମୀ ରାମକୃଷ୍ଣ ମହାନ୍ତି ପ୍ରମୁଖ ଉପସ୍ଥିତ ରହି କାର୍ଯ୍ୟକ୍ରମ ପରିଚାଳନା କରିବେ।

## ଗ୍ରାମୀଣ ବିକାଶ ଅନୁଧ୍ୟାନ କଲେ ଜିଲା ପ୍ରକଳ୍ପ ନିର୍ଦ୍ଦେଶକ

**ସାକ୍ଷୀଗୋପାଳ, ୧୧।୩ (ଡି.ଏନ୍.ଏ.)**

ପୁରୀ ଜିଲା ଗ୍ରାମ ଉନ୍ନୟନ ସଂସ୍ଥା ପ୍ରକଳ୍ପ ନିର୍ଦ୍ଦେଶକ ଦୀପ୍ତିରଞ୍ଜନ ସେନ ଗୁରୁବାର ସତ୍ୟବାଦୀ ବ୍ଲକର ବିଭିନ୍ନ ପଞ୍ଚାୟତ ପରିଦର୍ଶନ କରିଛନ୍ତି। ଜୟପୁର, ପେଣ୍ଠପଡ଼ା, ଦୁଗଲ, ଶ୍ରୀରାମଚନ୍ଦ୍ରପୁର, ବୀରରାମଚନ୍ଦ୍ରପୁର, ବଳପୁର, ପରଜାପଡ଼ା, କେତକୀପାଟଣା ଓ ବିଶ୍ୱନାଥପୁର ପଞ୍ଚାୟତ ଗସ୍ତ କରି ସେନ ଗ୍ରାମୀଣ ବିକାଶ ପ୍ରକଳ୍ପର ଅଗ୍ରଗତି ଏବଂ ପ୍ରସ୍ତାବିତ ଉନ୍ନୟନ କାମଗୁଡ଼ିକର ଭିତ୍ତିଭୂମି ଅନୁଧ୍ୟାନ କରିଛନ୍ତି। ଗ୍ରାମାଞ୍ଚଳ ପ୍ରମୋଦ ଉଦ୍ୟାନ, ପାଠାଗାର, ମହିଳା ମିଶନଶକ୍ତି ଗୃହ ଓ ଅଙ୍ଗନୱାଡ଼ି ଗୃହ ନିର୍ମାଣ ଉପରେ ଗୁରୁତ୍ୱ ପ୍ରଦାନ କରିଥିଲେ। ସେହିପରି ବିଜୁପକ୍କା ଓ ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ କରାଯାଉଥିବା ଗୃହ ନିର୍ମାଣ ନିର୍ଦ୍ଧାରିତ ସମୟ ମଧ୍ୟରେ ଶେଷ କରିବାକୁ ଉପସ୍ଥିତ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ଏହି ଗସ୍ତରେ ସତ୍ୟବାଦୀ ବିଡିଓ କ୍ଷୀରୋଦ ବେହେରା, ସହକାରୀ ଯନ୍ତ୍ରୀ ଭାସ୍କର ଚନ୍ଦ୍ର ଶତପଥୀଙ୍କ ସହିତ ସମସ୍ତ କନିଷ୍ଠ ଯନ୍ତ୍ରୀ, ଏମ୍‌ଜିଏନ୍‌ଆର୍‌ଇଜିଏସ୍ ସହାୟକ, ସରପଞ୍ଚମାନେ ସାମିଲ ହୋଇଥିଲେ। ଗ୍ରାମାଞ୍ଚଳରେ ସହରି ସୁବିଧା ଯୋଗାଇ ଦେବାକୁ ଏହି ପରିକଳ୍ପନା କରାଯାଇଛି।

## ୯୭୩ ଫେରାର ଅଭିଯୁକ୍ତ ଗିରଫ

**କଟକ ଅଫିସ, ୧୧।୩**

ରାଜ୍ୟ ପୋଲିସ ପକ୍ଷରୁ ଜାମିନବିହୀନ ଗିରଫ ପରୱାନା (ଏନ୍‌ବିଡବ୍ଲ୍ୟୁ) ନେଇ ଏକ ସ୍ୱତନ୍ତ୍ର ଡ୍ରାଇଭ୍ ଗତ ୭ତାରିଖଠାରୁ ଆରମ୍ଭ ହୋଇଛି। ଏହା ୧୪ ତାରିଖ ପର୍ଯ୍ୟନ୍ତ ଚାଲିବ। ଗତ ୭ରୁ ୯ ତାରିଖ ମଧ୍ୟରେ ଏହି ଡ୍ରାଇଭ୍‌ରେ ୯୭୩ ଜଣ ଫେରାର ଅଭିଯୁକ୍ତ ଗିରଫ ହୋଇଛନ୍ତି। ସେମାନଙ୍କ ମଧ୍ୟରୁ ୮୪୩ ଜଣଙ୍କୁ ଜେନେରାଲ ରେଜିଷ୍ଟର୍ (ଜିଆର୍) ଏବଂ ସେଶନ ଟ୍ରାଏଲ୍ (ଏସ୍‌ଟି) ମାମଲାରେ ଗିରଫ କରାଯାଇ କୋର୍ଟଚାଲାଣ କରାଯାଇଛି। ଗଞ୍ଜାମ, ନୟାଗଡ଼, କଟକ, ବାଲେଶ୍ୱର ଓ କେନ୍ଦ୍ରାପଡ଼ା ଜିଲାରୁ ବହୁ ଅଭିଯୁକ୍ତଙ୍କୁ ଗିରଫ କରାଯାଇଛି।

## ଧନୁଆ ନଦୀବନ୍ଧ ସୁଦୃଢ଼ୀକରଣ କାର୍ଯ୍ୟ ଆରମ୍ଭ

**ଗୋପ, ୧୧।୩(ଡି.ଏନ୍.ଏ.)**

ଧନୁଆ ନଦୀରେ ବନ୍ୟା ଆସିଲେ ପ୍ରତିବର୍ଷ ନଦୀକୂଳରେ ବାସ କରୁଥିବା ଗୋପ ବ୍ଲକ ଅଞ୍ଚଳର ୫୦ରୁ ଊର୍ଦ୍ଧ୍ୱ ଗ୍ରାମର ଲୋକେ ଭୟଭୀତରେ ରହିଥାନ୍ତି। କାରଣ ବନ୍ୟା ଯୋଗୁ ଗ୍ରାମ ଜଳମଗ୍ନ ହେବା ସହ ହେକ୍ଟର ହେକ୍ଟର ଚାଷ ଜମି ନଷ୍ଟ ହୋଇଯାଏ। ଏଥିପାଇଁ ନଦୀବନ୍ଧ ସୁଦୃଢ଼ କରିବାକୁ ଗ୍ରାମବାସୀ ଦାବି କରିଥିବାବେଳେ ଏଥିପାଇଁ କାର୍ଯ୍ୟ ଆରମ୍ଭ ହୋଇଯାଇଛି। ଗତ ବର୍ଷ ବନ୍ୟା ସମୟରେ ଗଣଶିକ୍ଷା ମନ୍ତ୍ରୀ ସମୀର ରଞ୍ଜନ ଦାଶ ନଦୀକୂଳରେ ଥିବା ଗୋପ ଅଞ୍ଚଳର ବିଭିନ୍ନ ଗ୍ରାମ ଗସ୍ତ କରି ଧନୁଆ ନଦୀବନ୍ଧର ସୁଦୃଢ଼ୀକରଣ ପାଇଁ ପ୍ରତିଶ୍ରୁତି ଦେବା ସହ ରାଜ୍ୟ ସରକାରଙ୍କ ନିକଟରେ ଏହି ତଥ୍ୟ ରଖିଥିଲେ। ଏ ନେଇ ସରକାର ଚଳିତବର୍ଷ ତିନିମୁହାଣିଠାରୁ ନଦୀବନ୍ଧର ସୁଦୃଢ଼ୀକରଣ କରାଯିବା ପାଇଁ ୪୨ ଲକ୍ଷ ଟଙ୍କା ମଞ୍ଜୁରୀ ଦେବାପରେ ଜଳସମ୍ପଦ ବିଭାଗ ପକ୍ଷରୁ ଟେଣ୍ଡର କରାଯାଇଥିଲା। ଟେଣ୍ଡର କାମ ପାଇଥିବା ଠିକାଦାର ଜଣଙ୍କ ଏବେ କାର୍ଯ୍ୟ ଆରମ୍ଭ କରିଥିବା ବେଳେ ବିଭାଗୀୟ ଯନ୍ତ୍ରୀମାନେ କାମ ତଦାରଖ କରୁଛନ୍ତି। ନିମାପଡ଼ା ଜଳସମ୍ପଦ ବିଭାଗର ଅଧିକାରୀ ଶଶିଭୂଷଣ ମିଶ୍ର, ଗୋପ ଜଳସମ୍ପଦର ସହକାରୀ ଯନ୍ତ୍ରୀ ସଂଗ୍ରାମ କେଶରୀ ମହାନ୍ତି ଗସ୍ତ କରି କାମ ଦେଖୁଛନ୍ତି। ଧନୁଆ ନଦୀ ସୁଦୃଢ଼ୀକରଣ ହେବା ପରେ ନଦୀକୂଳିଆ ଗ୍ରାମ ବିଶରପୁର, ଇଟାକୁଦ, ଭଦିଶ, ତଣ୍ଡିପଡା, ଚଢେଇଗାଁ ଆଦି ଗ୍ରାମ ସହ ଚାଷ ଜମି ମଧ୍ୟ ବନ୍ୟାଦାଉରୁ ରକ୍ଷା ପାଇବ ବୋଲି ଅକ୍ଷୟ ବେହେରା, ବିଜୟ ଜେନା, କୃଷ୍ଣଚନ୍ଦ୍ର ଗୁରୁ ପ୍ରମୁଖ କହିଛନ୍ତି।

## ଅନ୍ତର୍ନିହିତ ଶକ୍ତିର ବିକାଶ ହିଁ ଯୁବ ସମାଜର ଲକ୍ଷ୍ୟ

**ପୁରୀ ଅଫିସ, ୧୧।୩ :** ଅନ୍ନପୂର୍ଣ୍ଣା ରଙ୍ଗମଞ୍ଚରେ ଗୁରୁବାର ଜାଗର ମହୋତ୍ସବ ପାଳିତ ହୋଇଯାଇଛି। ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ଓ ସାଂସ୍କୃତିକ ଅନୁଷ୍ଠାନ 'ସୁଧା'ର ମିଳିତ ଆନୁକୂଲ୍ୟରେ ଏହି ମହୋତ୍ସବ ଆୟୋଜିତ ହୋଇଥିଲା। ଯୁବ ସମାଜ ମଧ୍ୟରେ ଥିବା ସତ୍ୟ, ପ୍ରେମ, ଶାନ୍ତି, ଅହିଂସା ଭଳି ଅନ୍ତର୍ନିହିତ ଶକ୍ତିର ବିକାଶ ହିଁ ମୂଳ ଲକ୍ଷ୍ୟ ବୋଲି ଅତିଥିମାନେ କହିଥିଲେ। ଏହି ଅବସରରେ ପାରମ୍ପରିକ ସଙ୍ଗୀତ, ଓଡ଼ିଶୀ ନୃତ୍ୟ, ଲୋକନୃତ୍ୟ, ରାସଲୀଳା, ଶିବ ବନ୍ଦନା ଓ ଗଣେଶ ବନ୍ଦନା ପରିବେଷଣ ହୋଇଥିଲା। ଓଡ଼ିଆ ଜାତି ଏକ ରାଷ୍ଟ୍ରବାଦର ଛବିକୁ ବହନ କରିବାର ସାମର୍ଥ୍ୟ ରଖିଛି ଓ ପ୍ରତି ଓଡ଼ିଆଙ୍କ ମନରେ ଏ ନେଇ ସମ୍ବେଦନଶୀଳତା ରହିବା ଆବଶ୍ୟକ ବୋଲି ସୁଧା ଅଧ୍ୟକ୍ଷ ସଞ୍ଜୟ କୁମାର ମିଶ୍ର କହିଛନ୍ତି। ଗୁରୁ ନାରାୟଣ ପାତ୍ରେ ଓ ସଞ୍ଜୟ କୁମାର ମିଶ୍ରଙ୍କ ତତ୍ତ୍ୱାବଧାନରେ କାର୍ଯ୍ୟକ୍ରମ ପରିଚାଳିତ ହୋଇଥିଲା।



ଅନ୍ନପୂର୍ଣ୍ଣା ରଙ୍ଗମଞ୍ଚରେ ପାଲା ପରିବେଷଣ କରାଯାଉଛି।


କଳାକାରଙ୍କ ଦ୍ୱାରା ନୃତ୍ୟ ପରିବେଷଣ।

# କଟକଣାରେ ପାଳିଲେ ଜାଗର

**ନିମାପଡ଼ା/କାକଟପୁର/ସାକ୍ଷୀଗୋପାଳ/ବଳଙ୍ଗା/କୋଣାର୍କ/ଗୋପ/ଡେଲାଙ୍ଗ/ପିପିଲି, ୧୧।୩ (ଡି.ଏନ୍.ଏ.)**

ନିମାପଡ଼ା ବ୍ଲକ ଓ ଏନ୍‌ଏସି ଅଞ୍ଚଳରେ ଥିବା ବିଭିନ୍ନ ଶୈବ ପୀଠରେ ମହାଶିବରାତ୍ରି କୋଭିଡ୍ କଟକଣା ମଧ୍ୟରେ ପାଳିତ ହୋଇଯାଇଛି। ନିମାପଡ଼ାର ବାବା ପୂର୍ଣ୍ଣେଶ୍ୱର, ପାଟପୁରର ଲୋକନାଥ, ବୁଦ୍ଧନାଥ, ବିଷ୍ଣୁପୁରର ସିଦ୍ଧେଶ୍ୱର, ଅଣ୍ଡିଆଶାସନର ରାମେଶ୍ୱର, ଦିଘାଳୋର ନୀଳକଣ୍ଠେଶ୍ୱର, ଧବଳେଶ୍ୱର, କପିଳେଶ୍ୱର, ଚାରିଛକର ବ୍ରହ୍ମେଶ୍ୱର, ଅମରେଶ୍ୱର ଆଦି ଶୈବପୀଠରେ ଭକ୍ତମାନେ ଠାକୁରଙ୍କ ଦର୍ଶନ କରି ପୂଜାର୍ଚ୍ଚନା କରିଥିଲେ। ଚଳିତବର୍ଷ କରୋନା କଟକଣା ଯୋଗୁ କେତେକ ମନ୍ଦିରରେ ସ୍ୱଳ୍ପ ସଂଖ୍ୟକ ଭକ୍ତ ଆସିଥିବା ଦେଖିବାକୁ ମିଳିଥିଲା। ଭକ୍ତମାନେ ସାମାଜିକ ଦୂରତ୍ୱ ରଖି ପ୍ରଭୁଙ୍କ ନିକଟରେ ଜାଗର ଦୀପ ଜାଳିବା ସହ ପ୍ରଭୁଙ୍କ ମହାଦୀପ ଉଠିବା ଦୃଶ୍ୟ ଦେଖିବାକୁ ଚାହିଁରହିଥିଲେ। ଶାନ୍ତିଶୃଙ୍ଖଳା ରକ୍ଷା ପାଇଁ ନିମାପଡ଼ା ଥାନା, ଚାରିଛକ ଫାଣ୍ଡି ପକ୍ଷରୁ ବ୍ୟାପକ ପୋଲିସ ମୁତୟନ ବ୍ୟବସ୍ଥା କରାଯାଇଥିଲା। ସେହିଭଳି କାକଟପୁର ଅଞ୍ଚଳର ସମସ୍ତ ଶିବାଳୟ, ପ୍ରାଚୀ ନଦୀ ଉପତ୍ୟକାରେ ଥିବା ଅଷ୍ଟଶମ୍ଭୁ ଓ ମା' ମଙ୍ଗଳାଙ୍କ ମନ୍ଦିରରେ ଦିନତମାମ ଭକ୍ତଙ୍କ ଭିଡ଼ ପରିଲକ୍ଷିତ ହୋଇଛି। ଏହା ସହ ବିଶ୍ୱକଲ୍ୟାଣ ଲାଗି ଶିବଲିଙ୍ଗରେ ଶାସ୍ତ୍ରମତେ ବିଶେଷ ପୂଜାର୍ଚ୍ଚନା କରାଯାଉଛି। ରାତ୍ରିର ପ୍ରଥମ ପ୍ରହରରେ ଦୁଗ୍ଧ, ଦ୍ୱିତୀୟ ପ୍ରହରରେ ଦଧି, ତୃତୀୟ ପ୍ରହରରେ ଘୃତ,ଚତୁର୍ଥ ପ୍ରହରରେ ମଧୁ ଦ୍ୱାରା ଲିଙ୍ଗକୁ ସ୍ନାନ କରି ରାତିସାରା ଶୈବ ଭକ୍ତମାନେ ଉଜାଗର ରହି ଦୀପ ଜାଳି ଶିବନାମ ଜପ କରୁଥିବାର ଦେଖାଯାଇଥିଲା। ପରିଶେଷରେ ମହାଦୀପ ଉଠିବା ପରେ ଦୀପକୁ ପ୍ରଣିପାତ କରି ବ୍ରତ ଉଦ୍‌ଯାପନ କରିଥିଲେ। ସାକ୍ଷୀଗୋପାଳସ୍ଥିତ ବରାଳ ଗ୍ରାମର ବାଲୁଙ୍କେଶ୍ୱର, ସାଣ୍ଟରା ନୀଳକଣ୍ଠେଶ୍ୱର, ଷୋଳହଳ ବାବା ଲୋକନାଥ, କୋଶଳେଶ୍ୱର, ମୁଆଁଖିଆ, ଲକ୍ଷେଶ୍ୱର, ଧବଳେଶ୍ୱର, ଖରିଖିଆ, ଅନନ୍ତେଶ୍ୱର, ରତ୍ନେଶ୍ୱର, ଖଜୁରେଶ୍ୱର ଆଦି ଶୈବପୀଠରେ ଜାଗରଯାତ୍ରା ପାଳିତ ହୋଇଯାଇଛି। ନାମକୀର୍ତ୍ତନ ସହିତ ପାଲା ଓ ଗୋଟିପୁଅ ନୃତ୍ୟ ଆଦି ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା। ବଳଙ୍ଗା ଅଞ୍ଚଳର କ୍ରେଶର ଦେବ, ଲୋକନାଥ, ନୀଳକଣ୍ଠେଶ୍ୱର, ନୂଆସନ୍ଥ ଉପ୍ତଳେଶ୍ୱର, କୁମରେଶ୍ୱର, ବିଶ୍ୱନାଥ, ଉଗ୍ରେଶର ଦେଉଳି ଓଗ୍ରନାଥ, ହରିପୁର ଶାଳେଶ୍ୱର, କଟେରି ସାହି ଆଖଣ୍ଡଳମଣି ପ୍ରଭୃତି ସ୍ଥାନରେ ଜାଗର ଯାତ୍ରା ପାଳିତ ହୋଇଥିଲା। କୋଣାର୍କ ନିକଟସ୍ଥ ବାଳିକପିଳେଶ୍ୱର, ତ୍ରିବେଣୀଶ୍ୱର, ବାଲୁଙ୍କେଶ୍ୱର, ମଙ୍ଗୁଳେଶ୍ୱର, ଈଶାନେଶ୍ୱର ଆଦି ଶୈବ ପୀଠରେ ଶିବରାତ୍ରି ପାଳନ ହୋଇଯାଇଛି। ସମୟ ଅନୁଯାୟୀ ସମସ୍ତ ନୀତିକାନ୍ତି ସରିଥିବାବେଳେ ମନ୍ଦିର କମିଟି ଓ ପୋଲିସ ପ୍ରଶାସନ ସହାୟତାରେ ଶାନ୍ତିଶୃଙ୍ଖଳାରେ ଭକ୍ତ ଆସି ଠାକୁରଙ୍କ ଦର୍ଶନ କରିଥିଲେ। ସେହିପରି ଗୋପର ବାଙ୍କେଶ୍ୱର, ଦକ୍ଷିଣେଶ୍ୱର, ରାମେଶ୍ୱର ଆଦି ମନ୍ଦିରରେ ନିର୍ଦ୍ଧାରିତ ସମୟରେ ମହାଦୀପ ଉଠିଛି। ଡେଲାଙ୍ଗର ଭାଗେଶ୍ୱର, ବାନାମ୍ବର, ବଣିବକ୍ରେଶ୍ୱର, ବିଶ୍ୱନାଥ ଦେବ ଆଦି ମନ୍ଦିରରେ ଜାଗର ଯାତ୍ରା ପାଳିତ ହୋଇଯାଇଛି। ପିପିଲିର ସୋମନାଥ ମନ୍ଦିର, ଅମୃତେଶ୍ୱର, ଅଷ୍ଟଶମ୍ଭୁ, ଅର୍ଜୁନେଶ୍ୱର, ମକରବା ଶିବ ମନ୍ଦିରରେ କଟକଣା ମଧ୍ୟରେ ଭକ୍ତମାନେ ଠାକୁରଙ୍କ ଦର୍ଶନ କରି ପୂଜାର୍ଚ୍ଚନା କରିଥିଲେ।


ପିପିଲିର ଏକ ମନ୍ଦିରରେ ମାନସିକଧାରୀମାନେ ଜାଗର ଦୀପ ଜାଳୁଛନ୍ତି।

## ୨ ଫେରାର ଅଭିଯୁକ୍ତ ଗିରଫ

**ଡେଲାଙ୍ଗ, ୧୧।୩ (ଡି.ଏନ୍.ଏ)**

ଡେଲାଙ୍ଗ ପୋଲିସ ଗୁରୁବାର ୨ଜଣ ଅଭିଯୁକ୍ତଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି। ସେମାନେ ହେଲେ ସେବକ ସାହିପାଟଣା ଗ୍ରାମର ପ୍ରଭାକର ମାଝି(୪୩) ଓ ପୋଷଲ ଗ୍ରାମର ସଞ୍ଜୁ ବେହେରା(୪୫) । ପ୍ରଭାକର,ସଞ୍ଜୁଙ୍କ ନାମରେ ବର୍ଷକ ତଳେ ଡକାୟତି ଓ ଗଣ୍ଡଗୋଳର ମାମଲା ରହିଥିଲା। ଏ ନେଇ ୨ଟି ମାମଲା(ନଂ. ୫୪୪/୨୦ ଓ ୧୮୫/୨୦) ରୁଜୁ ହୋଇଥିବାବେଳେ ପୋଲିସ ତଦନ୍ତ ଚଳାଇଥିଲା। ଗୁରୁବାର ୨ଜଣ ଗ୍ରାମରେ ଉପସ୍ଥିତ ଥିବାବେଳେ ପୋଲିସ ବିଶେଷ ସୂତ୍ରରୁ ଜାଣିପାରି ଚଢ଼ାଉ କରି ଧରିଥିବା ଡେଲାଙ୍ଗ ଆଇଆଇସି ରଶ୍ମିରଞ୍ଜନ ପଟ୍ଟନାୟକ ସୂଚନା ଦେଇଛନ୍ତି।

## ଭାଷା ଶିକ୍ଷା, ସଚେତନତା ଉପରେ ଗୁରୁତ୍ୱ

**ପୁରୀ ଅଫିସ, ୧୧।୩**

ଓଡ଼ିଶା ସଙ୍ଗୀତ ପରିଷଦ ସଭାକକ୍ଷରେ ଗୁରୁବାର ଭାଷା ପରିଷଦ ପକ୍ଷରୁ ଓଡ଼ିଆ ଭାଷାର ଶାସ୍ତ୍ରୀୟ ମାନ୍ୟତା ପ୍ରାପ୍ତିର ୮ମ ବାର୍ଷିକ ଉତ୍ସବ ପାଳିତ ହୋଇଯାଇଛି। ଏଥିରେ କୈଳାସ ଚନ୍ଦ୍ର ଟିକାୟତରାୟ ସଭାପତିତ୍ୱ କରିଥିଲେ। ଓଡ଼ିଆ ଭାଷାର ସମୃଦ୍ଧି ପାଇଁ କେତେକ ନିର୍ଦ୍ଦିଷ୍ଟ କାର୍ଯ୍ୟକ୍ରମ ଗ୍ରହଣ କରିବା ପାଇଁ ବୈଠକରେ ପ୍ରସ୍ତାବମାନ ଉପସ୍ଥାପିତ ହୋଇଥିଲା। ପ୍ରତି ସପ୍ତାହରେ ଭାଷା ସମସ୍ୟା ଓ ବ୍ୟାକରଣ ସମ୍ପର୍କରେ ଆଲୋଚନା କରାଯିବ। ସଙ୍ଗୀତ ପରିଷଦ ସମ୍ପାଦକ ପ୍ରସନ୍ନ କୁମାର ମିଶ୍ର, ଶ୍ୟାମପ୍ରସାଦ ସେନାପତି, ପ୍ରସନ୍ନ ମିଶ୍ର, ବିଜୟ କୁମାର ପଣ୍ଡା, ହେମନ୍ତ ଛୋଟରାୟ, ସର୍ବାଣୀ ମିଶ୍ର ଓଡ଼ିଆ ଭାଷାର ମହତ୍ତ୍ୱ ସମ୍ପର୍କରେ ଆଲୋକପାତ କରିଥିଲେ। ଭାଷା ପରିଷଦର ସମ୍ପାଦକ ବିପିନି ବିହାରୀ ଦଳାଇ ପ୍ରାଥମିକ ସ୍ତରରୁ ଭାଷା ଶିକ୍ଷା ଓ ସଚେତନତା ଉପରେ ଗୁରୁତ୍ୱାରୋପ କରିଥିଲେ।


କାର୍ଯ୍ୟକ୍ରମରେ ମଞ୍ଚାସୀନ ଅତିଥି।

# ସଫେଇ କାର୍ଯ୍ୟରେ ଅନିୟମିତତା ଅଭିଯୋଗ

**ପୁରୀ ଅଫିସ, ୧୧।୩**

- ଅଭିଯୋଗକାରୀ ହ୍ୱାଟ୍ସଆପ୍ ଗ୍ରୁପରୁ ବିଦା

'ପବିତ୍ର ପୁରୀ ଗର୍ବ ଆମରି' କାର୍ଯ୍ୟକ୍ରମ ଅଧୀନରେ ପୁରୀ ପୌରସଂସ୍ଥା ହ୍ୱାଟ୍ସଆପ୍ ଗ୍ରୁପ୍ ଗଠନ କରିଛି। ସମ୍ପୃକ୍ତ ୱାର୍ଡର ଲୋକଙ୍କୁ ଗ୍ରୁପ୍ ମାଧ୍ୟମରେ ପୌର ପରିଷଦ ସମ୍ବନ୍ଧୀୟ ଅଭିଯୋଗ ସିଧାସଳଖ ଭାବେ ଜଣାଇବା ପାଇଁ କୁହାଯାଇଛି। ମାତ୍ର ଏଭଳି ଏକ ଘଟଣା ସାମ୍ନାକୁ ଆସିଛି, ଯେଉଁଠାରେ ଅଭିଯୋଗ କରିବା ଫଳରେ ଗ୍ରୁପ୍‌ର ଆଡମିନ୍ ଦାୟିତ୍ୱରେ ଥିବା କର୍ମକର୍ତ୍ତା ଅଭିଯୋଗକାରୀଙ୍କୁ ଗ୍ରୁପ୍‌ରୁ ବାହାର କରିଦିଆଯାଇଛି। ଏ ନେଇ ଅଭିଯୋଗକାରୀ ତଥା ପୂର୍ବତନ କାଉନସିଲର ପ୍ରୀତମ ଜଗଦେବ କହିଛନ୍ତି ଯେ, ଦଉତୋଟା ନିକଟରେ ଥିବା ଡ୍ରେନ୍ ସଫା କରିବା ପାଇଁ ଗତ ୧୧ ତାରିଖରେ କାର୍ଯ୍ୟ ଆରମ୍ଭ ହୋଇଥିଲା। ମାତ୍ର କାମ ଶେଷ ନ କରି ହ୍ୱାଟ୍ସଆପ୍ ଗ୍ରୁପ୍‌ରେ କାମ ଶେଷ ହୋଇଥିବା ଉଲ୍ଲେଖ ହୋଇଥିଲା। ଡ୍ରେନ୍‌କୁ ଅଧା କାମ କରି ଯିବା ସମୟରେ ଜଗଦେବ ଅଧା କାମ ଦେଖି ବିରୋଧ କରିବା ସତ୍ତ୍ୱେ ଏହି କାର୍ଯ୍ୟ ପଛରେ କରାଯିବ କହି ସୁପରଭିଜନ ଦାୟିତ୍ୱରେ ଥିବା ଜମାଦାର ଚାଲିଯାଇଥିଲେ। ଜଗଦେବ କହିଛନ୍ତି, ଯେଉଁଦିନ ଡ୍ରେନ୍ ସଫା କାର୍ଯ୍ୟ ଚାଲିଥିଲା, ସେହିଦିନ ଜିଲାପାଳ ପରିଦର୍ଶନରେ ଆସିବାର କାର୍ଯ୍ୟକ୍ରମ ଥିଲା। ତେଣୁ ତରବରିଆ ଭାବେ ସଫେଇ କାର୍ଯ୍ୟ କରାଯାଇଥିଲା। ଏପରି କି କାମ ଶେଷ ନ କରି ଅଧାରେ ଛାଡ଼ିଦିଆଯାଇଥିଲା। ସେବେଠାରୁ ଏପର୍ଯ୍ୟନ୍ତ ଏଥିପ୍ରତି ଧ୍ୟାନ ଦିଆଯାଉନାହିଁ ଓ ଡ୍ରେନ୍ ସଫା କାର୍ଯ୍ୟ ଅଧାପନ୍ତରିଆ ହୋଇ ପଡ଼ିଛି। ଫଳରେ ସ୍ଥାନୀୟ ବାସିନ୍ଦା ଦୁର୍ଗନ୍ଧରେ ଅତିଷ୍ଠ ହୋଇପଡ଼ିବା ସହ ଅଭିଯୋଗ ମଧ୍ୟ କରୁଛନ୍ତି। ଅନ୍ୟପକ୍ଷରେ ଏ ନେଇ ସମ୍ପୃକ୍ତ ଜମାଦାର ବିଭୁ ପ୍ରସାଦ ଦାସ କହିଛନ୍ତି ଯେ, କାମ ହୋଇ ନ ଥିବା ହ୍ୱାଟ୍ସଆପ୍ ଗ୍ରୁପ୍‌ରୁ ଜାଣି ଆମେ ସମ୍ପୃକ୍ତ ବିଭାଗକୁ ଜଣାଇଦେଇଛୁ। ଏହା ଟେଣ୍ଡର କାମ ହୋଇଥିବାରୁ ସୁପରଭିଜନ ଦାୟିତ୍ୱ ମୋ ଅଧୀନରେ ନାହିଁ। ଅନ୍ୟପକ୍ଷରେ ପୌର ପରିଷଦ କନିଷ୍ଠ ଯନ୍ତ୍ରୀଙ୍କୁ ଯୋଗାଯୋଗ କରିବାକୁ ଚେଷ୍ଟା କରାଯାଇଥିଲେ ମଧ୍ୟ ତାହା ସମ୍ଭବ ହୋଇପାରି ନାହିଁ।

## ସଂକ୍ଷେପରେ

### ଅଧ୍ୟାପିକା କରୋନା ପଜିଟିଭ୍

ଖୋର୍ଦ୍ଧା ଅଫିସ,୧୧।୩
ବାଣପୁରସ୍ଥିତ ଗୋଦାବରିଶ ମହାବିଦ୍ୟାଳୟର ଜଣେ ଅଧ୍ୟାପିକାଙ୍କ କରୋନା ରିପୋର୍ଟ ପଜିଟିଭ୍ ଆସିଥିବା ନେଇ ଗୁରୁବାର ଅଧ୍ୟକ୍ଷ ଡ.ପ୍ରମୋଦ କୁମାର ପାଢ଼ୀ ସୂଚନା ଦେଇଛନ୍ତି। କଲେଜର ଗୋଟିଏ ଅନର୍ସ ବିଭାଗକୁ ସାନିଟାଇଜ୍ କରାଯାଇଛି। ଶୁକ୍ରବାର ସମସ୍ତ ଅଧ୍ୟାପିକା, ଅଧ୍ୟାପକ, କର୍ମଚାରୀ ଏବଂ ଅନର୍ସ ଛାତ୍ରୀଛାତ୍ରଙ୍କ କୋଭିଡ୍ ଟେଷ୍ଟ କରାଯିବ। କଲେଜକୁ ସମ୍ପୂର୍ଣ୍ଣ ସାନିଟାଇଜ କରିବା ଲାଗି କଲେଜ କର୍ତ୍ତୃପକ୍ଷ ନିକଟ ଅଗ୍ନିଶମ ସେବା ସଂସ୍ଥାକୁ ଚିଠି ଲେଖିଛନ୍ତି। ଅଧ୍ୟାପିକା ଜଣକ ଗତ ୮ ତାରିଖରୁ ଅସୁସ୍ଥ ଅନୁଭବ କରିବାରୁ ଛୁଟିରେ ଥିଲେ। କଟକସ୍ଥିତ ଏକ ଘରୋଇ ହସ୍ପିଟାଲରେ ଭର୍ତ୍ତି ହୋଇଥିଲେ। ସେଠାରେ ତାଙ୍କ କୋଭିଡ୍ ଟେଷ୍ଟ କରାଯିବାରୁ ରିପୋର୍ଟ ପଜିଟିଭ୍ ଆସିଥିଲା। ଏହି ଖବର ପ୍ରଚାରିତ ହେବା ପରେ କଲେଜରେ ଅଧ୍ୟାପିକା, ଅଧ୍ୟାପକ, କର୍ମଚାରୀ ଏବଂ ଛାତ୍ରୀଛାତ୍ରଙ୍କ ମଧ୍ୟରେ ଭୟର ବାତାବରଣ ଖେଳିଯାଇଛି। କଲେଜରେ କୋଭିଡ୍ କଟକଣାକୁ କଡାକଡି ପାଳନ ଲାଗି ଅଭିଭାବକଙ୍କ ମହଲରେ ଦାବି ହୋଇଛି। ଆବଶ୍ୟକ ପଡିଲେ ସମ୍ପୃକ୍ତ ଅଧ୍ୟାପିକାଙ୍କ କେଶ ହିଷ୍ଟ୍ରି ସଂଗ୍ରହ କରାଯିବ ବୋଲି ପ୍ରଶାସନ ପକ୍ଷରୁ କୁହାଯାଇଛି। ବାଣପୁର, ବାଲୁଗାଁର କରୋନା ସନ୍ଦିଗ୍ଧ ଅଞ୍ଚଳରେ କୋଭିଡ୍ କଟକଣାକୁ କଡାକଡି କରାଯାଇଛି ବୋଲି ଜିଲାପାଳ ସନତ ମହାନ୍ତି କହିଛନ୍ତି।

### ଅଖଣ୍ଡ ଅଗ୍ନି ସ୍ଥାପନ ଉତ୍ସବ

ନିରାକାରପୁର,୧୧।୩(ଡି.ଏନ୍.ଏ.): ଖୋର୍ଦ୍ଧା ଜିଲା ନିରାକାରପୁର ପଞ୍ଚାୟତସ୍ଥିତ ଶିରିଡିସାଇ ମନ୍ଦିର ପରିସରରେ ନବନିର୍ମିତ ଦ୍ୱାରକାମୟୀ ଗୃହରେ ଅଖଣ୍ଡ ଅଗ୍ନି ସ୍ଥାପନ ଶିରିଡିସାଇ ମନ୍ଦିର ସେବା ଟ୍ରଷ୍ଟ ଆନୁକୂଲ୍ୟରେ ଗୁରୁବାର ଅନୁଷ୍ଠିତ ହୋଇଯାଇଛି। ସମସ୍ତ ସଭ୍ୟାସଭ୍ୟ ସାମାଜିକ ଦୂରତ୍ୱ ରକ୍ଷା କରି ଏହି କାର୍ଯ୍ୟକ୍ରମ ସମ୍ପାଦନ କରିଥିଲେ।

### ଶିବଶକ୍ତିକୁ ହରାଇ ସେମିରେ କଟକ

ବେଗୁନିଆ,୧୧।୩(ଡି.ଏନ୍.ଏ.): ବେଗୁନିଆ ବ୍ଲକ ଅନ୍ତର୍ଗତ କୁଶପଲ୍ଲା ଖେଳପଡ଼ିଆରେ ଚାଲିଥିବା ରାଜ୍ୟସ୍ତରୀୟ ଫୁଟବଲ ଟୁର୍ଣ୍ଣାମେଣ୍ଟରେ ଗୁରୁବାର ଭୁବନେଶ୍ୱରର ଶିବଶକ୍ତି କ୍ଲବକୁ ହରାଇ କଟକର ଆଥଲେଟିକ ଫୁଟବଲ କ୍ଲବ ବିଜୟୀ ହେବା ସହ ସେମିଫାଇନାଲରେ ପ୍ରବେଶ କରିଛି। ମ୍ୟାଚର ପ୍ରଥମାର୍ଦ୍ଧ ଓ ଦ୍ୱିତୀୟାର୍ଦ୍ଧରେ ଆଥଲେଟିକ କ୍ଲବ ୨ଟି ଗୋଲ ଦେଇଥିବା ବେଳେ ଶିବଶକ୍ତି କ୍ଲବ କୌଣସି ଗୋଲ ଦେଇ ନ ପାରି ପରାଜିତ ହୋଇଥିଲା। ସାମାଜିକ କର୍ମୀ ନୀଳକଣ୍ଠ ସ୍ୱାଇଁ, ସହଦେବ ରାଉତ, ଏମ୍‌ଡି ଆସିଫ୍, ଡିଙ୍ଗର ସରପଞ୍ଚ ଶିବ ପ୍ରସାଦ ଦାସ, ଅସିତ୍ ତ୍ରିପାଠୀ, ଭିକାରି ତ୍ରିପାଠୀ ପ୍ରମୁଖ ଅତିଥିଭାବେ ଯୋଗଦେଇ ଖେଳାଳିଙ୍କୁ ଉତ୍ସାହିତ କରିଥିଲେ।

### ଅଷ୍ଟପ୍ରହର ନାମଯଜ୍ଞ

ବେଗୁନିଆ,୧୧।୩(ଡି.ଏନ୍.ଏ.): ବେଗୁନିଆ ବ୍ଲକ ଅନ୍ତର୍ଗତ ଶଗଡଭଙ୍ଗା ବାଲୁଙ୍କେଶ୍ୱର ମନ୍ଦିର ପରିସରରେ ଅଷ୍ଟପ୍ରହର ନାମଯଜ୍ଞ ଅନୁଷ୍ଠିତ ହୋଇଯାଇଛି। ଏଥିରେ ସ୍ଥାନୀୟ ବିଧାୟକ ରାଜେନ୍ଦ୍ର ସାହୁ ଅତିଥିଭାବେ ଯୋଗଦେଇଥିଲେ। ୫ଟି ସଂକୀର୍ତ୍ତନ ମଣ୍ଡଳୀଙ୍କ ସମେତ ବହୁ ଭକ୍ତଙ୍କ ସମାଗମ ହୋଇଥିଲା। ବାବା ବାଲୁଙ୍କେଶ୍ୱର ଅଷ୍ଟପ୍ରହର କମିଟି ଓ ଯୁବ ପରିଷଦ ଶଗଡଭଙ୍ଗାର ସମସ୍ତ ସଦସ୍ୟ ସହଯୋଗ କରିଥିଲେ।

# ବିନା ଭକ୍ତରେ ଉଠିଲା ମହାଦୀପ


ମାନସିକଧାରୀ ଜାଗର ଦୀପ ଜାଳୁଛନ୍ତି।


ଗୁରୁଜଙ୍ଗସ୍ଥିତ ଧବଳେଶ୍ୱର ମହାଦେବ।

- କୋଭିଡ୍ କଟକଣାରେ ପାଳିତ ହେଲା ମହାଶିବରାତ୍ରି
- ମନ୍ଦିର ବାହାରୁ ଦର୍ଶନ କଲେ ଶ୍ରଦ୍ଧାଳୁ

ଖୋର୍ଦ୍ଧା ଅଫିସ,୧୧।୩

ମହାଶିବରାତ୍ରି ଅବସରରେ ଗୁରୁବାର ଖୋର୍ଦ୍ଧାର ସମସ୍ତ ଶୈବପୀଠ ଚଳଚଞ୍ଚଳ ହୋଇପଡ଼ିଥିଲା। ମନ୍ଦିରଗୁଡ଼ିକୁ ଆଲୋକମାଳାରେ ସଜ୍ଜିତ କରାଯାଇଥିଲା। ଗୁରୁଜଙ୍ଗସ୍ଥିତ ଧବଳେଶ୍ୱରଙ୍କ ପୀଠରେ ଭୋର ୩ଟାରେ ଦ୍ୱାରଫିଟା, ମଙ୍ଗଳ ଆଳତି ପରେ ୪ଟାରୁ ସର୍ବସାଧାରଣଙ୍କ ଦର୍ଶନ ଆରମ୍ଭ ହୋଇ ଅପରାହ୍ନ ୨ଟା ପର୍ଯ୍ୟନ୍ତ ଚାଲିଥିଲା। କୋଭିଡ୍ କଟକଣା ଅନୁଯାୟୀ ଭକ୍ତମାନେ ମାସ୍କ ପରିଧାନ କରି ଧାଡିରେ ଆସି ମନ୍ଦିର ଭିତର ବେଢ଼ାରେ ମହାଦେବଙ୍କ ନିକଟରେ ଭକ୍ତି ନୈବେଦ୍ୟ ଅର୍ପଣ କରି ଫେରିଥିଲେ। ମଧ୍ୟାହ୍ନରେ ଶଙ୍ଖୁଡି ଭୋଗ ହୋଇଥିଲା। ସନ୍ଧ୍ୟାରେ ମନ୍ଦିର ପ୍ରବେଶ ଦ୍ୱାର ଭକ୍ତଙ୍କ ଲାଗି ବନ୍ଦ ରହିଥିଲା। କେବଳ ମହାଦେବଙ୍କ ନୀତିକାନ୍ତି ଦୃଷ୍ଟିରୁ ସେବାୟତ ଏବଂ ପରିଚାଳନା କମିଟି ମେମ୍ବର ରହିଥିଲେ। ନିର୍ଦ୍ଧାରିତ ରାତି ୧୦ଟାରେ ହରିହର ଭେଟ ଏବଂ ୧୧ଟାରେ ମହାଦୀପ ଉଠିଥିଲା। ମନ୍ଦିର ବାହାରେ ଭକ୍ତମାନେ ମହାଦୀପ ଦର୍ଶନ କରିଥିଲେ। ମହାଦୀପ ଉଠିବା ବେଳେ ଆଧ୍ୟାତ୍ମିକ ପରିବେଶ ସୃଷ୍ଟି ହୋଇଥିଲା। ସେହିପରି ଅଗ୍ନିସ୍ଥିତ ଏକାଦଶ ରୁଦ୍ର ହଙ୍ଗକେଶ୍ୱରଙ୍କ ପୀଠରେ ରାତି ୧୧ଟାରେ ମହାଦୀପ ଉଠିଥିଲା। ମହାଦୀପ ଦର୍ଶନ ଲାଗି ମନ୍ଦିର ଚତୁଃପାର୍ଶ୍ୱରେ ଭକ୍ତଙ୍କ ଭିଡ଼ ଜମିଥିଲା। ଗୋଡ଼ାସ୍ଥିତ ଲୋକନାଥଙ୍କ ପୀଠରେ ଶ୍ରଦ୍ଧାଳୁଙ୍କ ଭିଡ଼ ଜମିଥିଲା। ମହାଦୀପ ଦର୍ଶନ ଲାଗି ସ୍ଥାନୀୟ ଅଞ୍ଚଳର ଭକ୍ତଙ୍କ ସମାଗମ ହୋଇଥିଲା। ଭକ୍ତମାନେ ଦୂରରେ ଛିଡ଼ା ହୋଇ ମହାଦୀପ ଦର୍ଶନ କରିଥିଲେ। ବାଙ୍କୋଇସ୍ଥିତ ତାରକେଶ୍ୱର ଦେବଙ୍କ ପୀଠ ମହାଶିବରାତ୍ରି ଲାଗି ଚଳଚଞ୍ଚଳ ହୋଇଉଠିଥିଲା। ଭୋର ୩ଟାରେ ଦ୍ୱାରଫିଟା ପରେ ସମସ୍ତ ଦେବନୀତି ସମ୍ପର୍ଣ୍ଣ ହୋଇଥିଲା। ପରେ ଭକ୍ତଙ୍କ ଦର୍ଶନ ଆରମ୍ଭ ହୋଇଥିଲା। ରାତି ସାଢେ ୧୧ଟାରେ ଠାକୁରଙ୍କ ବେଢା ପରିକ୍ରମା କାର୍ଯ୍ୟ ହୋଇଥିଲା। ତାରକେଶ୍ୱରଙ୍କ ଚଳନ୍ତି ପ୍ରତିମା ଚନ୍ଦ୍ରଶେଖର ଦକ୍ଷିଣାମୁଖୀ ହୋଇ ଦକ୍ଷିଣ ଦ୍ୱାରରୁ ବେଢ଼ା ପରିକ୍ରମା କରି ଭୋଗମଣ୍ଡପରେ ବିଜେ କରିଥିଲେ। ଭୋଗଲାଗି ପରେ ମହାଦୀପ ଉଠିଥିଲା। ଖୋର୍ଦ୍ଧା ଉପରସାହିର ବାଲୁଙ୍କେଶ୍ୱର, ନବୀନାବାଗର ସ୍ୱପ୍ନେଶ୍ୱର, ସାମନ୍ତରାପୁରର ସିଦ୍ଧେଶ୍ୱର, ଭାଲିଆବାଡିର ଲୋକେଶ୍ୱରଦେବ, ଜେମାଦେଈର ବାଲୁଙ୍କେଶ୍ୱର, ମୁକୁନ୍ଦପ୍ରସାଦର ଅସୁରେଶ୍ୱର, ଟିଏଲ୍‌ସିର ତାରକେଶ୍ୱର, ଗଡ଼ଖୋର୍ଦ୍ଧା ସ୍ଥିତ ମହାଦେବ, ନିଜିଗଡ଼ ତାପଙ୍ଗର ବାଲୁଙ୍କେଶ୍ୱର, ଅଣ୍ଡାର ଶାଳେଶ୍ୱର ପୀଠରେ ଜାଗର ପାଇଁ ଶ୍ରଦ୍ଧାଳୁଙ୍କ ଭିଡ଼ ଜମିଥିଲା। ମହାଶିବରାତ୍ରିରେ ଦୀପ ଜାଳି ମହାଦେବଙ୍କ ସ୍ମରଣ କଲେ ଅଶେଷ ପୂର୍ଣ୍ଣପ୍ରାପ୍ତି ହୋଇଥାଏ ବୋଲି ଲୋକକଥା ରହିଛି। ତେବେ କରୋନା କଟକଣା ଯୋଗୁ ଭକ୍ତଙ୍କ ମହଲରେ ଏକ ନିରାଶ ଭାବ ଦେଖିବାକୁ ମିଳିଥିଲା। ଅନେକ ଭକ୍ତ ଘର ଛାତ ଉପରେ, ଠାକୁର ଘରେ ପରିବାର ସହ ଦୀପ ଜାଳି ଉଜାଗର ରହିଥିବା ଜଣାପଡିଛି।

### କେତକୀ ଗୋଟା ୨୦୦, କିଆ ଫୁଲ ୩୦୦ ଟଙ୍କା

ମହାଶିବରାତ୍ରିରେ ମହାଦେବଙ୍କ ମସ୍ତକରେ କେତକୀ ଏବଂ କିଆ ଫୁଲ ଅର୍ପଣ କଲେ ଅଶେଷ ପୂର୍ଣ୍ଣ ମିଳିଥାଏ ବୋଲି ବିଶ୍ୱାସ ରହିଛି। ବଜାରରେ କିଆ ଏବଂ କେତକୀ ଉଚ୍ଚା ଦରରେ ବ୍ରିକି ହେଉଥିବା ଦେଖିବାକୁ ମିଳିଥିଲା। କିଆ ଗୋଟାକୁ ୩୦୦ରୁ ୫ଶହ ଟଙ୍କା ପର୍ଯ୍ୟନ୍ତ ରହିଥିବା ବେଳେ କେତକୀ ଗୋଟାକୁ ୨୦୦ଟଙ୍କା ବିକ୍ରି ହେଉଥିଲା। ଗୁରୁଜଙ୍ଗ ପ୍ରଭାତ ବଳିଆରସିଂ କୁହନ୍ତି, ଗତ ବର୍ଷ କିଆ ଓ କେତକୀ ୫୦ଟଙ୍କାରେ କିଣିଥିଲି। ଚଳିତ ବର୍ଷ କିଆ ଗୋଟାକୁ ୩୦୦ ଏବଂ କେତକୀ ୨୦୦ଟଙ୍କାରେ କିଣିଛି ବୋଲି କହିଥିଲେ।


ଧବଳେଶ୍ୱର ମନ୍ଦିରରେ ମହାଦୀପ।

# ଦ୍ୱିତୀୟ ଦିନରେ ଚାଷୀଙ୍କ ଅନଶନ


ଚାଷୀମାନେ ଅନଶନରେ ବସିଛନ୍ତି।

### ମଣ୍ଡିରୁ ଧାନ ଉଠାଇବା ଦାବି

ବୋଲଗଡ଼,୧୧।୩(ଡି.ଏନ୍.ଏ.)

ବୋଲଗଡ଼ ବ୍ଲକ ବାଙ୍କୋଇ ପଞ୍ଚାୟତ ଗର୍ଭଣିପଡ଼ା ସେବା ସମବାୟ ସମିତି ଧାନମଣ୍ଡିରେ ଚାଷୀଙ୍କ ଆମରଣ ଅନଶନ ଗୁରୁବାର ଦ୍ୱିତୀୟ ଦିନରେ ପହଞ୍ଚିଛି। ଅନଶନରେ ବସିଥିବା ଚାଷୀ ଲକ୍ଷ୍ମଣ ଭୋଇ ଓ ବଂଶୀଧର କହଲସିଂହ ଅସୁସ୍ଥ ହେବାରୁ ବାଙ୍କୋଇ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରର ଡାକ୍ତର ଅନଶନସ୍ଥଳରେ ପହଞ୍ଚି ସେମାନଙ୍କର ଚିକିତ୍ସା କରିଥିଲେ। ମାତ୍ର ପ୍ରଶାସନ ପକ୍ଷରୁ କୌଣସି ତତ୍ପରତା ପ୍ରକାଶ ପାଉନାହିଁ। ପ୍ରଶାସନର ଏଭଳି ଅଣଦେଖାକୁ ନେଇ ଚାଷୀମାନେ ଅସନ୍ତୋଷ ପ୍ରକାଶ କରିଛନ୍ତି। ପ୍ରକାଶ ଯେ, ଗର୍ଭଣିପଡା ସମିତି ଧାନମଣ୍ଡିରେ ୫୧୪ଜଣ ଚାଷୀ ନାମ ପଞ୍ଜୀକରଣ କରିଥିବା ବେଳେ ୨୧,୫୦୦ କୁଇଣ୍ଟାଲ ଧାନ କ୍ରୟ ପାଇଁ ଧାର୍ଯ୍ୟ ଆକଳନ କରାଯାଇଛି। ଅଦ୍ୟାବଧି ୪୦୪ ଚାଷୀଙ୍କ ଠାରୁ ପ୍ରାୟ ୧୬,୫୦୦ କୁଇଣ୍ଟାଲ ଧାନ କ୍ରୟ କରାଯାଇଛି। ଅବଶିଷ୍ଟ ୧୧୦ ଚାଷୀଙ୍କ ପ୍ରାୟ ୫୦୦୦ କୁଇଣ୍ଟାଲ ଧାନ କିଣାଯାଇ ନାହିଁ। ୧୧୦ ଚାଷୀଙ୍କ ଧାନକୁ ମଣ୍ଡି ମାଧ୍ୟମରେ ବିକ୍ରି କରିବା ଦାବିରେ ବୁଧବାର ଠାରୁ ଚାଷୀମାନେ ଅନଶନରେ ବସିଛନ୍ତି।

### ଭୂମିପୁତ୍ର ସ୍ୱାଭିମାନ ମଞ୍ଚର ବୈଠକ

ବୋଲଗଡ଼,୧୧।୩(ଡି.ଏନ୍.ଏ.): ବୋଲଗଡ଼ ବ୍ଲକ କଡ଼ବସ୍ଥିତ ଶିବ ମନ୍ଦିର ଠାରେ ବୋଲଗଡ-ବେଗୁନିଆ ଭୂମିପୁତ୍ର ସ୍ୱାଭିମାନ ମଞ୍ଚର ସାଧାରଣ ବୈଠକ ଭିକାରୀ ଚରଣ ସାହୁଙ୍କ ସଭାପତିତ୍ୱରେ ଗୁରୁବାର ଅନୁଷ୍ଠିତ ହୋଇଯାଇଛି। ଅର୍ଜୁନ ଗଡ଼ବାଡ଼ଙ୍କ ଆବାହକତ୍ୱରେ ଆୟୋଜିତ ବୈଠକରେ ସମ୍ପାଦକ କେ.ଲୋକେଶ ବିବରଣୀ ପାଠ କରିଥିଲେ। ଅଞ୍ଚଳର ବିକାଶ ପାଇଁ କାର୍ଯ୍ୟ କରିବା ଏବଂ ଭୂମିହୀନ ଗରିବଶ୍ରେଣୀ ଲୋକଙ୍କୁ କୌଣସି ପକ୍ଷପାତିତା ନ କରି ସେମାନଙ୍କୁ ଘରବାରି ପଟ୍ଟା, ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ ଘର ଯୋଗାଇଦେବା ପାଇଁ ଦାବି କରିବାକୁ ବୈଠକରେ ନିଷ୍ପତ୍ତି ହୋଇଛି। ନାରାୟଣ ବଳିୟାରସିଂହ, ଅକ୍ଷୟ ରଥ, ମାନସ ରଞ୍ଜନ ପଟ୍ଟନାୟକ, ଗୋଦାବରିଶ ପାଇକରାୟ, ସଞ୍ଜୟ ପଟ୍ଟନାୟକ, ଅଭିରାମ ମହାପାତ୍ର ପ୍ରମୁଖଙ୍କ ସମେତ ଆନ୍ୟ ସଦସ୍ୟମାନେ ଉପସ୍ଥିତ ଥିଲେ।

## ସେଲ୍‌ଫି କର୍ଣ୍ଣର ଧରିତ୍ରୀ

ଆମକୁ ପଠାନ୍ତୁ ଆପଣଙ୍କ ସେଲ୍‌ଫି

metroselfie@gmail.com


@ ପ୍ରିୟା


@ ଇଜାଜ୍


@ କାହ୍ନା


@ ଦିଲେଶ୍ୱର


@ ପ୍ରଦୀପ


@ ସରୋଜ


@ ମାନସ

# ସବୁଠି ଓଁ ନମଃ ଶିବାୟ

ଜଟଣୀ/ବେଗୁନିଆ/ନିରାକାରପୁର,୧୧।୩(ଡି.ଏନ୍.ଏ.)

ମହାଶିବରାତ୍ରି ଅବସରରେ ଗୁରୁବାର ଜଟଣୀ ବ୍ଲକ ଏବଂ ସହରର ବିଭିନ୍ନ ଶୈବପୀଠରେ ଶ୍ରଦ୍ଧାଳୁଙ୍କ ଭିଡ଼ ଜମିଥିଲା। ଜଟଣୀର ବୁଢ଼ାପଢା ଗ୍ରାମସ୍ଥିତ ସୋମନାଥ ଦେବ ମନ୍ଦିରରେ ରାତି ୧୦ଟାରେ ମହାଦୀପ ଉଠିଥିଲା। ଜନାର୍ଦ୍ଦନ ଦୀକ୍ଷିତ ମନ୍ଦିର ଉପରକୁ ମହାଦୀପ ଉଠାଇଥିଲେ। ସେହିପରି ଗୋପୀନାଥପୁରସ୍ଥିତ ଶିଳ୍ପେଶ୍ୱରାୟ ମହାଦେବଙ୍କ ମନ୍ଦିରରେ ରାତି ୧୧ଟାରେ ମହାଦୀପ ଉଠିଥିଲା। ମହାଦୀପକୁ ଇଂ.ତପନ ମହାରଣା ଉଠାଇଥିଲେ। ହରିରାଜପୁରସ୍ଥିତ ପଶ୍ଚିମାଶମ୍ଭୁ ସୋମନାଥ ଦେବ, ବରପଦା ତାରେଶ୍ୱର ଦେବ, ବାଛରା ବାଲୁଙ୍କେଶ୍ୱର ଦେବ, ହାଟବଜାର ନୀଳକଣ୍ଠେଶ୍ୱର ଦେବ, ଖରାଖିଆ ବୈଦ୍ୟନାଥ ଦେବ, କୁଶୁମାଟି-ଛଣଘର ଗଟେଶ୍ୱର ଦେବ, କୁମାରଖାଡିଆ ବିଶ୍ୱନାଥ ଦେବ, ଟ୍ରାଫିକ୍ କଲୋନୀ ବାଲୁଙ୍କେଶ୍ୱର ଦେବ, ବଡନୂଆଗାଁ ନୀଳକଣ୍ଠେଶ୍ୱର ଦେବ, ବିକାଶ ନଗର ବୈଦେଶ୍ୱର ଦେବ, ଉପରବସ୍ତ ସ୍ୱପ୍ନେଶ୍ୱର ଓ କେଦାରେଶ୍ୱରେ ଦେବଙ୍କ ମନ୍ଦିରରେ ଶ୍ରଦ୍ଧାଳୁଙ୍କ ଭିଡ଼ ଜମିଥିଲା। ବେଗୁନିଆର ସମସ୍ତ ଶୈବ ପୀଠରେ ମହାଶିବରାତ୍ରି ପାଳିତ ହୋଇଯାଇଛି। କୁଶପଲ୍ଲାର ଲୋକେଶ୍ୱର ଦେବ, ବେଗୁନିଆର ବାଲୁଙ୍କେଶ୍ୱର ଦେବ, ଗଁପୁର-କଣ୍ଟାମଳିମର ସୋମନାଥ ଦେବଙ୍କ ପୀଠରେ ଶ୍ରଦ୍ଧାଳୁଙ୍କ ଭିଡ଼ ଜମିଥିଲା। ଡିଆ ପଞ୍ଚାୟତସ୍ଥିତ ଶ୍ରୀକପିଳେଶ୍ୱର ଦେବଙ୍କ ପୀଠରେ ୨୨ଦେଶ ଯାଦବ କୁଳ ଆନୁକୂଲ୍ୟରେ ପଞ୍ଚଦଶତମ ବାର୍ଷିକ କ୍ଷୀରସାଗର ଉତ୍ସବ ଅନୁଷ୍ଠିତ ହୋଇଛି। ଯାଦବମାନେ ଆଣିଥିବା ୧୫କୁଇଣ୍ଟାଲ ୫୦କେଜି କ୍ଷୀରକୁ ସାମାଜିକ ଦୂରତ୍ୱ ରକ୍ଷା କରି ଠାକୁରଙ୍କୁ ଲାଗି କରାଇଥିଲେ। ଶାନ୍ତିଶୃଙ୍ଖଳା ପାଇଁ ପୋଲିସ ମୁତୟନ କରାଯାଇଥିଲା।

# ବିଶୁଦ୍ଧ ପାନୀୟ ଜଳ ଯୋଗାଣ ଦାବି

ଜଟଣୀ,୧୧।୩(ଡି.ଏନ୍.ଏ.)



ଗତ କିଛିଦିନ ଧରି ପ୍ରଚଣ୍ଡ ତାତି ଯୋଗୁ ଖୋର୍ଦ୍ଧା ଜିଲା ଜଟଣୀ ବ୍ଲକ ଅଧୀନ ପଞ୍ଚୁପଲ୍ଲୀ ପଞ୍ଚାୟତର ବ୍ରହ୍ମକୁଣ୍ଡଳ, ଝିଖରଡ଼ା ଶତ୍ରୁସୁଆଁ ଏବଂ ପଞ୍ଚୁପଲ୍ଲୀ ଗ୍ରାମର ମାଳିସାହିରେ ବିଶୁଦ୍ଧ ପାନୀୟ ଜଳ ସମସ୍ୟା ଦେଖାଦେଇଛି। ଫଳରେ ଲୋକେ ବିଶୁଦ୍ଧ ପାଣି ପାଇଁ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ତୁରନ୍ତ ପାଇପ ଯୋଗେ ବିଶୁଦ୍ଧ ପାନୀୟଜଳ ଯୋଗାଇଦେବାକୁ ଗ୍ରାମବାସୀ ଦାବିକରିଛନ୍ତି।

ସୂଚନା ମୁତାବକ, ପଞ୍ଚୁପଲ୍ଲୀ ପଞ୍ଚାୟତରେ ୬୦୦ରୁ ଉର୍ଦ୍ଧ୍ୱ ପରିବାର ବସବାସ କରନ୍ତି। ପଞ୍ଚାୟତରେ ଦୁଇଟି ଓଭରହେଡ୍ ପାଣି ଟାଙ୍କି ଏବଂ ୩ଟି ୫ହଜାର ଲିଟର ବିଶିଷ୍ଟ ସୋଲାର ଟାଙ୍କି ରହିଛି। ପଞ୍ଚୁପଲ୍ଲୀଠାରେ ଥିବା ଗୋଟିଏ ଓଭରହେଡ୍ ପାଣି ଟାଙ୍କି ଏବଂ ୫ହଜାର ଲିଟର ବିଶିଷ୍ଟ ସୋଲାର ଟାଙ୍କି ଦ୍ୱାରା କେବଳ ପଞ୍ଚୁପଲ୍ଲୀ ଗ୍ରାମବାସୀ ଉପକୃତ ହେଉଛନ୍ତି। ସେହିପରି ସାନନୂଆଗାଁରେ ଥିବା ଓଭରହେଡ୍ ପାଣି ଟାଙ୍କିରୁ ସାନନୂଆଗାଁ, ବେରୁହା ବାଇରଙ୍ଗ ଗ୍ରାମବାସୀଙ୍କୁ ପାଣି ଯୋଗାଇଦିଆଯାଉଛି। ତୁରୁତୀୟାପଡ଼ାରେ ଥିବା ସୋଲାର ପାଣି ଟାଙ୍କିରେ ଉକ୍ତ ଗ୍ରାମବାସୀ ଉପକୃତ ହେଉଛନ୍ତି। ପଞ୍ଚୁପଲ୍ଲୀ ମାଳିସାହିର ଶେଷମୁଣ୍ଡରେ ୫ହଜାର ଲିଟର ବିଶିଷ୍ଟ ଏକ ସୌରଚାଳିତ ପାଣି ଟାଙ୍କି ରହିଥିଲେ ମଧ୍ୟ ତାଙ୍କ ଲୋକଙ୍କ ପାଇଁ ଯଥେଷ୍ଟ ହେଉନାହିଁ। ଉକ୍ତ ମାଳିସାହିରେ ପାଇପ୍ ପାଣିର ବ୍ୟବସ୍ଥା ହୋଇ ନ ଥିବାରୁ ଲୋକେ ହଇରାଣ ହେଉଛନ୍ତି। ୧୫୦୦ରୁ ଉର୍ଦ୍ଧ୍ୱ ଜନସଂଖ୍ୟା ବହୁଳ ବ୍ରହ୍ମକୁଣ୍ଡଳ, ଝିଖରଡ଼ା ଶତ୍ରୁସୁଆଁରେ ଏପର୍ଯ୍ୟନ୍ତ ପାଇପ ପାଣିର ବ୍ୟବସ୍ଥା ହୋଇନାହିଁ। ଗ୍ରାମ୍ୟ ଜଳ ଯୋଗାଣ ଓ ପରିମଳ ବିଭାଗ(ଆରଡବ୍ଲୁଏସ୍‌ଏସ୍) ଦ୍ୱାରା ବସୁଧା, ଜଳ ଜୀବନ ମିଶନ ଓ ଗ୍ରାମ୍ୟ ଭିତ୍ତିଭୂମି ଉନ୍ନୟନ ପାଣ୍ଠି ଯୋଜନାରେ ଲକ୍ଷାଧିକ ଟଙ୍କା ଖର୍ଚ୍ଚ ହେଉଛି। ମାତ୍ର ବିଭାଗୀୟ ଅଧୀକାରୀ ଏବଂ ଠିକାଦାରଙ୍କ ଅବହେଳା ଯୋଗୁ ପ୍ରକଳ୍ପ କାର୍ଯ୍ୟ ଠିକ୍ ସମୟରେ ସମ୍ପୂର୍ଣ୍ଣ ହୋଇପାରୁ ନ ଥିବା ସାଧାରଣରେ ମତପ୍ରକାଶ ପାଇଛି। ଅନ୍ୟପଟେ ଆସନ୍ତା ୧୦ଦିନ ମଧ୍ୟରେ ଉକ୍ତ ଗ୍ରାମଗୁଡ଼ିକରେ ଜଳଯୋଗାଣ ଲାଗି ପାଇପ୍ କାର୍ଯ୍ୟ ଆରମ୍ଭ ହେବ ବୋଲି ଆରଡବ୍ଲୁଏସ୍‌ଏସ୍ କନିଷ୍ଠ ଯନ୍ତ୍ରୀ-୨ ରାମଚନ୍ଦ୍ର ଚୌଧୁରୀ କହିଛନ୍ତି।

# ହାତୀ ଉପଦ୍ରବରେ ଫସଲ ନଷ୍ଟ

ବେଗୁନିଆ,୧୧।୩(ଡି.ଏନ୍.ଏ.)

ଖୋର୍ଦ୍ଧା ଜିଲାରେ ଦିନକୁ ଦିନ ହାତୀ ଉପଦ୍ରବ ବଢ଼ିବାରେ ଲାଗିଛି। ଏନେଇ ବାରମ୍ବାର ଅଭିଯୋଗ ସତ୍ତ୍ୱେ ବିଭାଗୀୟ କର୍ତ୍ତୃପକ୍ଷ କୌଣସି ପଦକ୍ଷେପ ନେଉ ନ ଥିବା ସାଧାରଣରେ ଅଭିଯୋଗ ହେଉଛି। ବୁଧବାର ବିଳମ୍ବିତ ରାତିରେ ବେଗୁନିଆ ବ୍ଲକ ଦେଉଳି ପଞ୍ଚାୟତ ଓଗାଳପୁର ଗ୍ରାମରେ ୩ଟି ହାତୀ ପଶି ଗ୍ରାମର ପଞ୍ଚୁ ଜେନା, ନିରଞ୍ଜନ ଜେନା, ପଦୁ ଜେନା, ବିଷ୍ଣୁ ବରାଳ, ଭରତ ରାଉତରାୟ, ଇନ୍ଦ୍ରମଣି ବେହେରା, ଚନ୍ଦ୍ରମଣି ବେହେରା, ବନମାଳୀ ବେହେରାଙ୍କ ପ୍ରାୟ ୪ ଏକରରୁ ଉର୍ଦ୍ଧ୍ୱ ଫସଲ ଖାଇବା ସହ ଦଳିଚକଟି ନଷ୍ଟ କରିଦେଇଛନ୍ତି। ସେହିପରି କିଛିଦିନ ପୂର୍ବେ ବୋତଲମା ପଞ୍ଚାୟତର ଛତ୍ରପଡା ଗ୍ରାମର ଚାଷୀ ଅଜୟ ବଳବନ୍ତରାୟ, ଧରଣୀ ଚମ୍ପତି, ଲକ୍ଷ୍ମୀଧର ବାଘସିଂହ ଏବଂ ବାଦବାରବାଟୀ ଗ୍ରାମର ଚାଷୀ ହରିବନ୍ଧୁ ରଣସିଂହଙ୍କ ଫସଲ ଖାଇବା ସହ ନଷ୍ଟ କରିଦେଇଥିଲେ। ଏଥିସହ ଧରଣୀଙ୍କ ଫସଲ କିଆରିରେ ହୋଇଥିବା କୁଡିଆକୁ ଭାଙ୍ଗି ଦେଇଥିଲେ। ଏଥିପ୍ରତି ତୁରନ୍ତ ବିଭାଗୀୟ ଉଚ୍ଚ କର୍ତ୍ତୃପକ୍ଷ ଦୃଷ୍ଟି ଦେବା ସହ ତଦନ୍ତ କରି ଫସଲର କ୍ଷତିପୂରଣ ଦେବାକୁ ସାଧାରଣରେ ଦାବି ହେଉଛି।


ନଷ୍ଟ ହୋଇଥିବା ଫସଲ।